


RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ନଭେମ୍ବର ୨୦୧୭
ମୂଲ୍ୟ : ୨୫ ଟଙ୍କା
6 ROUND





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୂର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ..........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୂଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଉ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, November 2016, Issue No. VIII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଜ୍ଞା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଜୁପ୍ରସାଦ ନାୟକ
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

❑ ଶାଳଗ୍ରାମ
ଦିପୁନ୍ ପୁହାଣ ୭

❑ ବିଶ୍ୱାସଘାତକ ମଣିଷ
ପଣ୍ଡିତ ନାରାୟଣ ଶତପଥୀ ୮

❑ ଯେସାକୁ ତେସା
ହେମଲତା ସିଂହ ୧୨

❑ ବୁଢ଼ା ବରଗଛ
ରାମଚନ୍ଦ୍ର ଶତପଥୀ ୧୪

❑ ଧକଡ଼ର ବନ୍ଦର ଦେଖା
ଶ୍ରୀନିବାସ ସାହୁ ୨୧

❑ ଭକ୍ତି ମାତା
କଳ୍ପନା ମହାନ୍ତି ୨୩

❑ ରାଜିଆ ବୁଢ଼ା ଓ ତା ସ୍ତ୍ରୀର କଥା
ଚୂଡ଼ାମଣି ପାଣିଗ୍ରାହୀ ୨୫

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଜିଲ୍ଲା.................................................... ପିନ୍‌କୋର୍ଡ଼ ...............................

ମୋବାଇଲ୍ ନମ୍ବର ........................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬
E-mail : pracheepatrika@rediffmail.com, Web. : www.pracheevoice.com

# ଶାଳଗ୍ରାମ

ଦିପୁନ୍ ପ୍ରଧାଣ

"କ'ଣ, ଆତ୍ମ ହତ୍ୟା ?

ସଦାଶିବ ଶେଷରେ ଆତ୍ମହତ୍ୟା କରିଦେଲା ?

ଆହା ! ବିଚରାକୁ ଶେଷରେ ଏହିଦିନ ଦେଖିବାର ଥିଲା"

ସଦାଶିବ ଆତ୍ମହତ୍ୟା କରିଛି । ନଦୀବନ୍ଧକୁ ଲାଗି କୋଉ ଆଇମା ଅମଳରୁ ଛିଡ଼ା ହୋଇ ଆସିଥିବା ବରଗଛଟି ଛିଆଇଁ ପାରିନି ସଦାଶିବକୁ । ମାଟି ଆଉ ଆକାଶର ମଧ୍ୟଭାଗରେ ତ୍ରୀଶଂକୁ ପରି ଲାଖି ରହିଛି ସଦାଶିବର ରକ୍ତ ମାଂସର କଙ୍କାଳ । ରାତି ନପାହୁଣୁ ଖବରଟା ବିଜୁଳି ବେଗରେ ଖେଳିଯାଇଛି କାନରୁ କାନ, ସାହିରୁ ସାହି ଆଉ ଗାଁ ରୁ ଗାଁକୁ । ପଞ୍ଚାଏ ଲୋକ ବରଗଛର ଚାରିପାଖେ ଘେରଯାଇ ଉପଭୋଗ କରୁଛନ୍ତି ମୃତ ସଦାଶିବର ଝୁଲନ୍ତା ଶବର ଦୃଶ୍ୟକୁ ।

ଧ୍ୟାନସ୍ଥ ଚ୍ୟବନ ପରି ବନ୍ଦ ନେତ୍ର ଆଉ ଭାବ ଗମ୍ଭୀର ମୁଖଶ୍ରୀରେ ସେ ପରିହାସ କରୁଛି ସମଗ୍ର ପରିବେଶକୁ । ବିଲୁଆ କୁକୁର ପରି କଟମଟ କରି ଚାହିଁ ରହିଥିବା ମଣିଷ ରୂପି ଅଶରୀରୀମାନଙ୍କୁ । ଦେଖ, ଦେଖ ଆଜି ମୁଁ ମୁକ୍ତ । ଆଜି ମୁଁ ନିନ୍ଦା ଅପନିନ୍ଦାର ସରହଦ ଡେଇଁ ଉଠିଆସିଛି ବହୁ ଉର୍ଦ୍ଧ୍ୱକୁ । ଆଜି ମୁଁ ଛିଡ଼ା ହୋଇଛି ତୃପ୍ତିମିନାର୍‌ର ଶୀର୍ଷ ଦେଶରେ । ଆଉ ତୁମେ ସବୁ କେତେ ତୁଚ୍ଛ । କେତେ କଦର୍ଯ୍ୟ ତୁମର ଜିଇଁ ରହିବାର ଲାଳସା । କିନ୍ତୁ ମୁଁ ନୁହେଁ, ମୁଁ ସଂଗ୍ରାମୀ, ସଂଗ୍ରାମ କରି ମୃତ୍ୟୁକୁ ନିଜର କରିଛି । ଏବେ ବି ଅକ୍ଷୁର୍ଣ୍ଣ ଅଛି ମୋର ସ୍ୱାଭିମାନ । ତୁମେ ଆଉ ଆଙ୍ଗୁଳି ଉଠାଇ ପାରିବନି ମୋର ବ୍ୟକ୍ତିତ୍ୱ ଉପରେ, ମୋ ସ୍ୱାଭିମାନ ଉପରେ କିମ୍ବା ମୋ ଚରିତ୍ର ଉପରେ ।

ଶବର ଅନ୍ତିମ ସଂସ୍କାର ପାଇଁ କୁଟୁମ୍ବ ଲୋଡ଼ା । କିନ୍ତୁ ସଦାଶିବର କୁଟୁମ୍ବ ବୋଲି କେହି ନାହିଁ । ସୁଇସାଇଡ୍ କେସ୍, ପୋଲିସ ଆସିବ । ଝାମେଲାରେ ଫସିବାକୁ କିଏ ବା କାହିଁକି ଯିବ । ତେଣୁ ଗାଁ ଲୋକେ ଖାଲି ନୀରବ ଦର୍ଶକ ସାଜି ଚାହିଁ ରହିଛନ୍ତି ସଦାଶିବର ମହାପ୍ରୟାଣ ପର ମହାଦୃଶ୍ୟକୁ । ରେବାର ମୃତ୍ୟୁପରେ ଦ୍ୱିତୀୟ ବିବାହ ପାଇଁ କେହି କେହି ମନ୍ତବ୍ୟ ଦେଇଥିଲେ ସତ, ମାତ୍ର ୬ ବର୍ଷର ଶିଶୁପୁତ୍ର ଅତନୁକୁ ସାବତ ମାଆର ଜଞ୍ଜିରରେ ବାନ୍ଧିଦେବାକୁ ଚାହିଁନଥିଲା ସଦାଶିବ । ଉଭୟ, ଜନକ ଓ ଜନନୀର ଭୂମିକାରେ ଅତନୁକୁ ଶୈଶବରୁ କୈଶୋର ଓ କୈଶୋରରୁ ଯୌବନ ଅବସ୍ଥାକୁ ପରିବର୍ତ୍ତନ କରି ଅତନୁରୁ ଡାକ୍ତର ଅତନୁ ଆଚାର୍ଯ୍ୟରେ ପରିଣତ କରିପାରିଛି ନିଜ ଯତ୍‌କିଞ୍ଚିତ ଉପାର୍ଜନ ବଳରେ । ଖାଲି ସେତିକି ନୁହେଁ, ନିଜର ଲକ୍ଷେ ଅନିଚ୍ଛା ସତ୍ତ୍ୱେବି ଅତନୁର ଖୁସି ପାଇଁ କେଉଁ ଜାତିଗୋତ୍ର ହୀନ ସହରି ଆଧୁନିକା ରମଣୀକୁ ଗ୍ରହଣ କରିଛି ନିଜ କୁଳବଧୂ ରୂପରେ, ବୋହୂ ପରସା ଖାଇନପାରିବାର ଦୁର୍ଭାଗ୍ୟକୁ ଆଦରିନେଇ ବୋହୂକୁ ପୁଅ ସାଙ୍ଗରେ ସହରକୁ ଯିବାର ଅନୁମତି ଦେଇଛି ଏବଂ ବୁଢ଼ା ଅଜଗର ପରି ପଡ଼ିରହିଛି ତାର ସ୍ତ୍ରୀ ଶୂନ୍ୟ, ପୁଅବୋହୂ ଶୂନ୍ୟ ସେହି ଦଦରା ଝାଟିମାଟି ଘର ଖଣ୍ଡିକରେ; ଭିଟା ମାଟିର ଆକର୍ଷଣରେ । ପୁଅବି କେବେ ଖବର ରଖିନି ସଦାଶିବର ।

ସବୁକିଛି ଘଟିବି କିଛି ନଘଟିବା ପରି ସଦାଶିବ ଅତିକ୍ରମ କରିଯାଇଛି ଦୀର୍ଘ ୭୦ ବର୍ଷର ଅବଧି । ଘରର ଐଶନ୍ୟ କୋଣରେ କେଉଁ ପୁରୁଷ ପୁରୁଷ ଧରି ପୂଜାପାଇ ଆସୁଥିବା ପବିତ୍ର ଶାଳଗ୍ରାମଙ୍କ ସେବାରେ କେବେବି ଊଣା କରିନି ସଦାଶିବ । ଶାଳଗ୍ରାମଙ୍କ ଛଡ଼ା ତୁଳସୀ ନପାଇବା ଯାଏଁ ଜଳସୁଦ୍ଧା ସ୍ପର୍ଶ କରିନି । ରେବାର ମୃତ୍ୟୁପରେ ଗତକାଲି ଶାଳଗ୍ରାମରେ ତୁଳସୀ ଦେଉ ଦେଉ ଦ୍ୱିତୀୟଥର ପାଇଁ କାନ୍ଦି ଉଠିଥିଲା ସଦାଶିବ । ହେଲେ ଏ କାନ୍ଦ ଖୁସିର କି ଦୁଃଖର ଜଣାଗଲା ନାହିଁ ।

ବରଗଛର ବାହୁରୁ ଲମ୍ବି ଆସିଥିବା ଦଉଡ଼ି ଖଣ୍ଡଟିକୁ ଆଶ୍ରାକରି ସଦାଶିବର ମୃତ ଶରୀର ଝୁଲି ରହିଛି ପୂର୍ବବତ୍ । ସଦାଶିବର ଝୁଲନ୍ତା ଶବ ଚାରିପାଖେ ବେଶ୍ ଜନଗହଳି ଲାଗିଛି । ଠିକ୍ ଯେମିତି ଗତକାଲି ଖବର କାଗଜ ପୃଷ୍ଠାରେ ତା'ବୋହୂର ଅର୍ଦ୍ଧ ଉଲଗ୍ନ ଦେହକୁ ଟିକେ ମନଭରି ଦେଖିବାକୁ ଗହଳି ଜମିଥିଲା । ଜମିବନି ବା କାହିଁକି ? ସଦାଶିବର ବୋହୂ ଏବେ ଖ୍ୟାତନାମା ଅଭିନେତ୍ରୀ କିନ୍ତୁ ଏବେ ଖାଲି ଗୋଟିଏ ପ୍ରଶ୍ନ । ସଦାଶିବର ଘରେ ପୂଜା ପାଉଥିବା ଶାଳଗ୍ରାମଙ୍କର ଏବେ କ'ଣ ହେବ ?

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବାଣୀବିହାର, ଭୁବନେଶ୍ୱର

୦୦୦୦

# ବିଶ୍ୱାସଘାତକ ମଣିଷ

ପଣ୍ଡିତ ନାରାୟଣ ଶତପଥୀ

ପୂର୍ବକାଳରେ ବିଶାଳ ନାମକ ନଗରରେ ନନ୍ଦ ନାମକ ଜଣେ ପ୍ରବଳ ପ୍ରତାପୀ ରାଜା ଥିଲେ । ସେ ନିଜ ବାହୁ ବଳରେ ପଡ଼ୋଶୀ ରାଜ୍ୟମାନ ଜୟ କରି ଶାସନ କରୁଥିଲେ । ତାଙ୍କ ରାଣୀଙ୍କ ନାମ ଭାନୁମତୀ, ପୁତ୍ର ନାମ ଜୟପାଳ ଓ ବୃହସ୍ପତି ତୁଲ୍ୟ ବୁଦ୍ଧିମାନ ଶାରଦାନନ୍ଦ ନାମରେ ପ୍ରଧାନମନ୍ତ୍ରୀ ଥିଲେ । ମାତ୍ର କୌଣସି କାରଣରୁ ସେ ଦୋଷଯୁକ୍ତ ହୋଇ କ୍ରୋଧାନ୍ୱିତ ରାଜାଙ୍କ ଦ୍ୱାରା ରାଜ୍ୟରୁ ବହିଷ୍କୃତ ହୋଇଥିଲେ । ଥରେ ରାଜକୁମାର ଜୟପାଳ ଶିକାର ଉଦ୍ଦେଶ୍ୟରେ ବଣକୁ ଯାଇଁ ଗୋଟିଏ କୃଷ୍ଣସାର ମୃଗକୁ ଅନୁଗମନ କରି ମହାଅରଣ୍ୟରେ ପ୍ରବେଶ କଲେ । ସମୟ ଅତିକ୍ରାନ୍ତ ହୋଇ ସନ୍ଧ୍ୟା ହେବାରୁ ସୈନ୍ୟସାମନ୍ତ ସମସ୍ତେ ନିଜ ରାଜ୍ୟକୁ ଫେରିଗଲେ । କୃଷ୍ଣସାର ମୃଗଟି ମଧ୍ୟ ଅଦୃଶ୍ୟ ହୋଇଗଲା ।

ରାଜକୁମାର କିନ୍ତୁ ଉତ୍ସାହର ସହିତ ଏକାକୀ ଘୋଡ଼ାରେ ଚଢ଼ି ଗୋଟିଏ ପୋଖରୀର ଚତୁଃପାର୍ଶ୍ୱରେ ଅନୁସନ୍ଧାନ ଜାରି ରଖିଲେ । ମାତ୍ର ଅନ୍ଧକାର ହେବାରୁ ଘୋଡ଼ାଟିକୁ ଗଛରେ ବାନ୍ଧି ଜଳପାନ କରି ଯେତେବେଳେ ଗୋଟିଏ ଗଛମୂଳରେ ବସିଯାଇଛନ୍ତି ସେତେବେଳେ ଗୋଟିଏ ବାଘ ଆସିଲା । ତାକୁ ଦେଖି ଘୋଡ଼ାଟି ବନ୍ଧନକୁ ଛିଡ଼ାଇ ସେଠାରୁ ପଳାୟନ କରି ନିଜ ରାଜ୍ୟରେ ପହଞ୍ଚିଲା । ମାତ୍ର ରାଜକୁମାର ଭୟରେ ଅନନ୍ୟୋପାୟ । ମାୟା ହୋଇ ସେହି ଗଛରେ ଚଢ଼ିଗଲେ । ସେଠାରେ ପୂର୍ବରୁ ଚଢ଼ିଥିବା ଭାଲୁକୁ ଦେଖି ପୁନଶ୍ଚ ଭୟଭୀତ ହୋଇଗଲେ । ଏହାଦେଖି ଭାଲୁଟି କହିଲା- ହେ ରାଜକୁମାର ! ଭୟକର ନାହିଁ । ମୁଁ ତମ ପାଖରେ ଅଛି । ତୁମେ ଆଜି ମୋର ଶରଣାଗତ, ଏଣୁ ମୁଁ ତୁମର କିଛି ଅନିଷ୍ଟ କରିବି ନାହିଁ । ମୋତେ ବିଶ୍ୱାସ କିର ବାଘକୁ ଭୟ ନ କରି ମୋ ପାଖରେ ବସ ଏବଂ ଆରାମରେ ରାତ୍ରି ଯାପନ କର । ତହୁଁ ରାଜକୁମାର କହିଲେ - ହେ ଭାଲୁ ! ମୁଁ ତୁମର ଶରଣାଗତ । ଏଣୁ ଶରଣାଗତକୁ ରକ୍ଷା କରିଥିବାରୁ ତୁମ୍ଭର ନିଶ୍ଚୟ ମହାପୁଣ୍ୟ ହେବ । ସେତେବେଳେ ଭାଲୁ ରାଜକୁମାରରଙ୍କୁ ଆଶ୍ୱାସନା ଦେଲା । ଚିତାବାଘଟି ମଧ୍ୟ ହୁଁକାର ଛାଡ଼ି ଗଛତଳେ ଶୋଇପଡ଼ିଲା । କ୍ରମେ ରାତ୍ରି ନିବିଡ଼ ହେଲା । ଦିନମାନ ଅତ୍ୟନ୍ତ କ୍ଳାନ୍ତ ହୋଇଥିବାରୁ ରାଜପୁତ୍ରଙ୍କୁ ନିଦ୍ରା ଆସିଲା । ସେତେବେଳେ ଭାଲୁ କହିଲା- ହେ ଭାଇ ଗଛତଳେ ପଡ଼ିଯିବ । ଆସ ମୋ କୋଳରେ ଶୋଇପଡ଼ । ତୁମ୍ଭେ ଉଠିଲେ ମୁଁ ଶୋଇବି । ଏପରି କୁହନ୍ତେ - ଭାଲୁର କୋଳରେ ରାଜକୁମାର ଶୋଇ ପଡ଼ିଲେ ।

ସେତେବେଳେ ବାଘଟି କହିଲା - ହେ ଭାଲୁ, ଇଏ ଜଣେ ଗ୍ରାମବାସୀ, ପୁଣି ଶିକାର ଦ୍ୱାରା ଆମକୁ ମାରିବା ଉଦ୍ଦେଶ୍ୟରେ ବଣକୁ ଆସିଛି । ଏହି ପ୍ରକାର ଶତ୍ରୁକୁ କ'ଣ ପାଇଁ କୋଳରେ ଧରିଛ ? ଯେହେତୁ ଏ ଜଣେ ମଣିଷ, ଅବିଶ୍ୱାସ ଜୀବ । ଏଣୁ ତୁମେ ଏହାର ଉପକାର କଲେ ଏ ଅପକାର କରିବ ନିଶ୍ଚୟ । ତେଣୁ ଏହାକୁ ତଳେ ପକାଇ ଦିଅ, ମୁଁ ଖାଇ ସୁଖରେ ଚାଲିଯିବି, ତୁମେ ମଧ୍ୟ ନିଜ ଗୁମ୍ଫାକୁ ପଳାଇଯିବ । ତହୁଁ ଭାଲୁ କହିଲା - ମୋର କିଛି ହେଲେ ହୋଇଯାଉ, କିନ୍ତୁ ମୁଁ ଏହି ଶରଣାଗତକୁ ପକାଇବି ନାହିଁ, ଯେହେତୁ ଶରଣାଗତକୁ ମାରିଲେ ମୋର ମହାପାପ ହେବ । ମୁଁ କଦାପି ଏ ଭୁଲ୍ କାମ କରିବି ନାହିଁ । ଏହାପରେ ରାଜପୁତ୍ର ନିଦ୍ରାଭଙ୍ଗ କରି ଉଠିବାରୁ ଭାଲୁ କହିଲା - ହେ ରାଜକୁମାର - ମୁଁ ଅଳ୍ପ ସମୟ ପାଇଁ ଶୋଉଛି - ତୁମେ ସାବଧାନ ଥିବ । ଏହା କହି ଭାଲୁ ରାଜକୁମାର କୋଳରେ ଶୋଇପଡ଼ିଲା । ଏହା ଦେଖି ତଳେ ଥିବା ବାଘଟି କହିଲା - ହେ ରାଜକୁମାର ! ତୁମେ ମୋତେ ବିଶ୍ୱାସ କର । ଯେହେତୁ

ଏହି ଭାଲୁ ନଖାୟୁଧ ପୁଣି ଏ ଚଳଚଞ୍ଚଳ ଦେଖାଯାଉଛି । ଶାସ୍ତ୍ରରେ ଅଛି - ନଖୀଜୀବଙ୍କୁ ବିଶ୍ୱାସ କରିବ ନାହିଁ । ତେଣୁ ଏହାର ଅନୁଗ୍ରହ ମଧ୍ୟ ତୁମ ପାଇଁ କାଳ ଅଟେ । ଆହୁରି ମଧ୍ୟ ଏହି ଭାଲୁ ମୋଠାରୁ ତୁମକୁ ରକ୍ଷା କରି ସେ ନିଜେ ମାରି ଖାଇବ । ଏଣୁ କରି ତୁମେ ଏହାକୁ ତଳେ ପକାଇ ଦିଅ । ମୁଁ ଏହାକୁ ଖାଇ ଚାଲିଯିବି, ତୁମେ ମଧ୍ୟ ନିଜ ନଗରକୁ ପଳାଇଯିବ ।

ତାହା ଶୁଣି ରାଜପୁତ୍ର ଅନନ୍ୟୋପାୟ ହୋଇ ଯେମିତି ଭାଲୁକୁ ତଳେ ପକାଇବା ପାଇଁ ଉଦ୍ୟତ ହୋଇଛି ଠିକ୍ ସେତିକିବେଳେ ଭାଲୁ ସେହି ବୃକ୍ଷର ଗୋଟିଏ ଶାଖାକୁ ଧରି ଉପରକୁ ଉଠିଗଲା ଏବଂ ରାଜପୁତ୍ରକୁ ଭର୍ତ୍ସନା କରି ନାନାଦି କଟୁକଥା କହିଲା - ଏପରି ଶୁଣି ରାଜପୁତ୍ର ଭୟରେ ଥରିବାକୁ ଲାଗିଲା । ଭାଲୁ ରାଗିଯାଇ କହିଲା - ହେ ପାପୀଷ୍ଠ, କୃତଘ୍ନ, ବିଶ୍ୱାସଘାତକ କ'ଣ ପାଇଁ ଭୟ କରୁଛ, ତୁ ଅର୍ଜିତ କର୍ମର ଫଳ ଏବେ ଭୋଗ କର, ତୁ ଏବେଠାରୁ ସସେମିରା ଶବ୍ଦଟି ଉଚ୍ଚାରଣ କରି କରି ଏହି ବଣରେ ବୁଲୁଥାଆ.... ।

ଏହାପରେ ରାତିପାହିଗଲା । ବାଘ ଗଛ ତଳୁ ଉଠି ଚାଲିଗଲା । ଭାଲୁ ମଧ୍ୟ ଗଛରୁ ଓହ୍ଲାଇ ପଳାଇଗଲା । ମାତ୍ର ରାଜକୁମାର ସସେମିରା କହି କହି ବଣରେ ବୁଲିବାକୁ ଲାଗିଲା । ଏହି ସମୟ ମଧ୍ୟରେ ରାଜକୁମାରଙ୍କ ଅଶ୍ୱ ନିଜର ବନ୍ଧନ ଛିଡ଼ାଇ ରାଜନଗରକୁ ପଳାଇଲା । ରାଜକର୍ମଚାରୀମାନେ ଘୋଡ଼ାକୁ ଦେଖି ବିଷାଦ ମନରେ ରାଜାଙ୍କୁ ସମସ୍ତ ବିଷୟ କହିଲେ । ରାଜା ମଧ୍ୟ ଭୟଭୀତ ହୋଇ ମନ୍ତ୍ରୀଙ୍କୁ କହିଲେ, ଯେତେବେଳେ କୁମାର ଶିକାର ପାଇଁ ବାହାରିଥିଲେ ସେତେବେଳେ ନାନାଦି ଅଶୁଭ ସଙ୍କେତ ଦେଖାଯାଇଥିଲା । ତାହା ଅତିକ୍ରମ କରି ଚାଲିଯାଇଥିବାରୁ ତାଙ୍କର ବିଘ୍ନ ଘଟିଲା । ସେ ଚଢ଼ିଯାଇଥିବା ଘୋଡ଼ାଟି ଶୂନ୍ୟ ହୋଇ ଫେରିଆସିଲା । ଏବେ ତାଙ୍କୁ ଖୋଜିବା ପାଇଁ ବଣକୁ ଯିବା ଚାଲ ।

ତହୁଁ ମନ୍ତ୍ରୀ କହିଲେ - ହେ ମହାରାଜ । ସେହିପରି ହେଉ । ତା'ପରେ ରାଜା, ମନ୍ତ୍ରୀ ଓ କର୍ମଚାରୀମାନେ ସମସ୍ତେ ରାଜକୁମାରଙ୍କୁ ଖୋଜିବା ପାଇଁ ବଣରେ ପହଞ୍ଚିଲେ, ବଣରେ ଦେଖିଲେ ଯେ, ରାଜକୁମାର




**R. S. TUTORIALS**

SURYALOKA LANE CHANDI CHHAK CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**


— Contact : 9861462581, 9861816123 —

ପିଶାଚ ଅବସ୍ଥାରେ ସସେମିରା ଶବ୍ଦଟି ବାରମ୍ବାର ଉଚ୍ଚାରଣ କରିବୁଲୁଛନ୍ତି । ଏହା ଦେଖି ରାଜା ମହାଶୋକ ସାଗରରେ ବୁଡ଼ିଗଲେ ଏବଂ ପୁଅକୁ ଧରି ନିଜ ନଗରକୁ ନେଇଗଲେ । ସେଠାରେ ଗୁଣିଗାରେଡ଼ି ଔଷଧ ଆଦି ଯେତେ ଉପଚାର କଲେ ମଧ୍ୟ ପୁତ୍ର ଭଲ ହେଲେ ନାହିଁ । ତହୁଁ ରାଜା କହିଲେ - ବର୍ତ୍ତମାନ ସମୟରେ ଯଦି ପ୍ରଧାନମନ୍ତ୍ରୀ ଥା'ନ୍ତେ ତେବେ ସେ କିଛି ପ୍ରତିକାର ସ୍ୱରୂପ ପୁତ୍ରକୁ ନିଶ୍ଚିତ ଭଲ କରିଥା'ନ୍ତେ । ମୁଁ ଭଲ ମନ୍ଦ ବିଚାର ନ କରି ତାଙ୍କୁ ରାଜ୍ୟକୁ ବିତାଡ଼ିତ କଲି । ମୋତେ କେହି ମଧ୍ୟ ବାରଣ କଲେ ନାହିଁ । ସେଥିପାଇଁ କୁହାଯାଇଛି- ବୁଝିବିଚାରି କର୍ମ କଲେ ପ୍ରମାଦ ନପଡ଼ଇ ଭଲେ ।

ଏହା ଶୁଣି ମନ୍ତ୍ରୀ କହିଲେ - ସେତେବେଳେ ସମୟ ସେହିପରି ଥିଲା । ଯେହେତୁ ବୁଦ୍ଧି ଭବିଷ୍ୟତକୁ ଅନୁସରଣ କରିଥାଏ । ତହୁଁ ରାଜ କହିଲେ - ଯାହାତ ହେବାର ଥିଲା ହେଲା ଏବେ ଏହି ବିଷୟରେ ବିଶେଷ ଯତ୍ନ କରିବା ଉଚିତ୍ ।

ମନ୍ତ୍ରୀ କହିଲେ - କେଉଁ ପ୍ରକାର ? ରାଜା କହିଲେ, ଏବେ ରାଜ୍ୟରେ ଘୋଷଣା କର ଯେ କେହି ମୋର ପୁତ୍ରକୁ ଚିକିତ୍ସା କରିବ ସେ ରାଜ୍ୟରୁ ଅର୍ଦ୍ଧେକ ପାଇବ ଓ ତାଙ୍କ ଝିଅ ସହିତ ମୋର ପୁତ୍ରକୁ ବିବାହ କରାଇବି । ମନ୍ତ୍ରୀ ମଧ୍ୟ ସେହିପରି କରାଇଲେ, ପ୍ରଧାନମନ୍ତ୍ରୀ ଶାରଦାନନ୍ଦଙ୍କୁ ସମସ୍ତ ବିଷୟ କହିଲେ, ଏହା ଶୁଣି ଶାରଦା ନନ୍ଦ ମନ୍ତ୍ରୀଙ୍କୁ କହିଲେ, ହେ ମନ୍ତ୍ରୀ ତୁମ୍ଭେ ରାଜାଙ୍କ ଆଗରେ କୁହ ଯେ ମୋର ଗୋଟିଏ କନ୍ୟା ଅଛି, ସେ ରାଜପୁତ୍ରଙ୍କୁ ଦେଖିବା ଉଚିତ । ସେ ଏହାର କିଛି ଉପାୟ କରିବ । ଏପରି ଶୁଣି ମନ୍ତ୍ରୀ ରାଜାଙ୍କ ସେପରି କହିଲେ । ତାହାପରେ ରାଜାମନ୍ତ୍ରୀ ପରିଷଦ ମଣ୍ଡଳ ଦ୍ୱାରା ପରିବେଷ୍ଟିତ ହୋଇ ମନ୍ତ୍ରୀଙ୍କ ଗୃହକୁ ଆସି ବସିଲେ । ରାଜକୁମାର ମଧ୍ୟ ସସେମିରା ଗାଇ ଗାଇ ସେଠାରେ ବସିଲେ କିନ୍ତୁ ଘରର ଦୁଆର ମୁହଁରେ ଗୋଟିଏ ପରଦା ରହିଲା । ଶାରଦାନନ୍ଦ ପରଦା ପଛରେ ଥାଇ ଏହ ପଦଟି ଆବୃତ୍ତି କଲେ -

ସଦ୍‌ଭାବ ଯୁକ୍ତ ପ୍ରାଣୀରେ



ଉଗ୍ରପ୍ରତାରଣା ଯେ କରେ,

ଆଶ୍ରୟ ପାଇଥିବା ପ୍ରାଣୀ ।

ମରଣ ମୁହଁକୁ ଯେ ଆଣି,

ଏଥିରେ ନଥାଏ ପୌରୁଷ

ତାହାର ହୁଏ ସର୍ବନାଶ ।

ରାଜକୁମାର ଏତକ ଶୁଣି ତାଙ୍କର ୪ଟି ଅକ୍ଷର ମଧ୍ୟରୁ ପ୍ରଥମ ଅକ୍ଷର 'ସ' ଲୋପ ହୋଇ କେବଳ ସେମିରା କହି ଚାଲିଲେ, ଏହାପରେ ଶାରଦାନନ୍ଦ ଆଉ ଗୋଟିଏ ପଦ୍ୟ ଆବୃତ୍ତି କଲେ ।

ଯଥା –ସେତୁ ସମୁଦ୍ର ଗଙ୍ଗା ଯାଇଁ

ବ୍ରହ୍ମଘାତ ମୁକ୍ତିପାଇ ।

ବିଶ୍ୱାସଘାତକ କୃତଘ୍ନ

ମୁକ୍ତି ନପାଏ କଦାଚନ । ।

ଏତିକି ଶୁଣି ରାଜକୁମାର ୨ଟି ଅକ୍ଷର ଲୋପ କରି ୨ଟି ଅକ୍ଷର 'ମିରା' ବୋଲି କହିଲେ, ଏହାପରେ ଶାରଦାନନ୍ଦ ଆଉ ଗୋଟିଏ ପଦ ଆବୃତ୍ତି କଲେ । ସେହିଟି ଥିଲା -

ମିତ୍ର ଦ୍ରୋହୀକି, ନାହିଁ ରକ୍ଷା

ଅବଶ୍ୟ ଉପୁଜଇ ଶଙ୍କା

କୃତଘ୍ନ ବିଶ୍ୱସା ଘାତକ

ଏମାନେ ଯାଆନ୍ତି ନରକ ॥

ଏହା ଶୁଣି ରାଜକୁମାର ତିନି ଅକ୍ଷର ଛାଡ଼ି କେବଳ ଗୋଟିଏ ଅକ୍ଷର - ରା' ବୋଲି ପ୍ରଳାପ କଲେ ।

ତହୁଁ ଶାରଦାନନ୍ଦ ରା ଅକ୍ଷର ଉପରେ ପଦଟି ଆବୃତ୍ତି କଲେ । ସେଇଟି ଥିଲା -

ରାଜନ୍ ଶୁଣହେ ଉତ୍ତର

ଯଦି ମଙ୍ଗଳ ଇଚ୍ଛାକର ।

ବିପ୍ରମାନଙ୍କୁ କରଦାନ

ଦେବତା କର ଆରାଧନ ।

ଏପରି ଶୁଣି ରାଜକୁମାରଙ୍କ ମୁଖରୁ ସେହି ରା ଶବ୍ଦଟି ଲୋପ ହେଲା ଏବଂ ସୁସ୍ଥ ଓ ସ୍ଥିର ହୋଇ ବସି ରହିଲେ ଓ ନିଜ ପିତାଙ୍କ ଆଗରେ ସମସ୍ତ ବିଷୟ କହି କ୍ଷମା ପ୍ରାର୍ଥନା କଲେ । ଫଳରେ ପିଶାଚ ରୂପରୁ ମୁକ୍ତି ପାଇଲେ । ତା'ପରେ ମନ୍ତ୍ରୀ ପରଦା ଖୋଲିଦେବାରୁ ଶାରଦାନନ୍ଦଙ୍କୁ ଦେଖି ରାଜା ମହାଆନନ୍ଦରେ କୁଣ୍ଢାଇ ପକାଇଲେ । ରାଜାଙ୍କ ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀଙ୍କୁ ଧନସମ୍ପତ୍ତି ଓ ରାଜ୍ୟକୁ ଅର୍ଦ୍ଧେକ ଦେଇ ପୁତ୍ରଙ୍କୁ ତାଙ୍କ କନ୍ୟା ସହିତ ବିବାହ କରାଇଲେ ।

ନାନପୁର, ବାଲିଚନ୍ଦ୍ରପୁର, ଯାଜପୁର

୦୦୦

# ଯେସାକୁ ତେସା

ହେମଲତା ସିଂହ

ବଗ ଓ ବିଲୁଆ ଦୁଇ ସଙ୍ଗାତ । ଗୋଟିଏ ଜଙ୍ଗଲ ଭିତରେ ରହିଥାନ୍ତି । ସେଇ ଜଙ୍ଗଲରେ ବହୁତ ଜୀବଜନ୍ତୁ ରହିଥାନ୍ତି । ଜଙ୍ଗଲ ଦେଇ ଝରଣା, ପାହାଡ଼, ନଈ ବହିଯାଉଥାଏ । ସେଇ ନଈକୂଳରେ ବିଲୁଆ ବଡ଼ ଗାତ କରି ରହିଥାଏ । ତାର ସଙ୍ଗାତ ତାର କିଛି ଦୂର ବରଗଛରେ ବସାବାନ୍ଧି ରହିଥାଏ । ଦିନେ ବଗ ମାଛ ଆଣିବା ପାଇଁ ସେଇ ପାହାଡ଼ ପାଖ ଗୋଟିଏ ଛୋଟ ପୋଖରୀ ପାଖକୁ ଯାଇ ବସିଛି । ଗାଈଆଳ ପିଲା ପାଣି ଗୋଳୁଛନ୍ତି । ବଗ ସେଠି ମାଛ ଆଣିବା ପାଇଁ ବସିଛି । ଏତିକି ବେଳେ ବିଲୁଆ ଲୁଚି ଲୁଚି ଯାଇ ତାର ସଙ୍ଗାତକୁ କହୁଛି ଜାଣିଲୁନା ସଙ୍ଗାତ ମୁଁ ଆଜି କେଉଁଠାରୁ ଶୀକାର ପାଇନାହିଁ । ମୋତେ ତୁ ଆଜି କିଛି ମାଛ ଦେ ମୁଁ ତତେ କାଲି ଖାଦ୍ୟ ଦେବି । ବଗ ହଉ କହି ମାଛ ତାକୁ କିଛି ଦେଲା ଏବଂ ଦେଇ ତାର ଗାତକୁ ଆସି ତାର ଘରଣୀକୁ ଦେଲା । ପୁଣି ଆରଦିନ ତାର କିଛି ଖାଦ୍ୟ ଦରକାର । କ'ଣ କରିବ, ସେଇ ବିଲ ପାଖକୁ ଗଲା କିଛି କଙ୍କଡ଼ା ଧରିଲା । ଏହି ସମୟରେ ବଗ ଉଡ଼ି ଉଡ଼ି ଆସି କହିଲା ସଙ୍ଗାତ ମୋର ଆଜି କିଛି ଘରେ ଖାଇବାକୁ ନାହିଁ । ବିଲୁଆତ ଭାରି ଚତୁର । କହିଲା ରହ ମୁଁ କିଛି ଖାଦ୍ୟ ଘରେ ଦେଇ ଆସେ ପୁଣି ଧରିଲେ ତୁ ନେଇଯିବୁ । ବଗ ବସିଲା ସେ ଆଜି କେଉଁଠାରୁ ମାଛଦିଟା ଯୋଗାଡ଼ କରିପାରୁ ନାହିଁ । ବସି ବସି ସନ୍ଧ୍ୟା ହେଲା ନିରାଶରେ ଘରକୁ ଫେରିଲା । ଘରେ ତାର ସ୍ତ୍ରୀ କହିଲା କିଛି ପାଇଲ ନାହିଁକି । ବଗ କହିଲା କଣ କରିବି ସଙ୍ଗାତ କହିଲା ବସିଥା । ମୁଁ ଘରୁ ଆସେ କିଛି କଙ୍କଡ଼ା ଧରି ଦେବି କିନ୍ତୁ ଫେରିଲା ନାହିଁ । ମୁଁ ନିରାଶ ହୋଇ ଫେରିଲି । ମୁଁ ଆଉ କଣ କରିବି ପାଖ ଝରଣାରୁ ପାଣି ପିଇ ଦୁହେଁ ଶୋଇଲେ । ତାର ଆରଦିନ ବଗ ଗୋଟିଏ ଉପାୟ ପାଇଁଲା । ସଅଳ ସଅଳ ବାହାରି ପଡ଼ିଲା ଖାଦ୍ୟ ପାଇଁ । ବିଲୁଆ ଘରବାଟେ ଗଲା । ଦେଖେ ତ ତାଙ୍କ ଘରେ କେହି ନାହାଁନ୍ତି । ଏତିକି ବେଳେ ତାର ମୁନିଆଁ ଥଣ୍ଟରେ ମାଟି ତାଡ଼ି ତାଡ଼ି ଗୋଟିଏ ମାହାରା ପରି ତା ଗାତ ପାଖକୁ ଛାଡ଼ି ଦେଲା । ଧୀରେ ଧୀରେ ପାଣିଯାଇ ତା ଗାତ ଭିତରେ ପଶିଲା । କିଛି ସମୟ ପରେ ବଗ ମାଛଧରି ସେଇ ବାଟେ ଆସିଲା । ଦେଖେତ କେହି ନାହାଁନ୍ତି । ମାଛକୁ ତରତର ହେଇ ତା ବସାରେ ରଖିପୁଣି ସଙ୍ଗାତ ଘର ପାଖରେ ଡାକମାରିଲା । ହୋ ସଙ୍ଗାତେ ହୋ ସଙ୍ଗାତେ କୁଆଡ଼େ ଯାଇଛ ତୁମ ଘରବୁଡ଼ି ପାଣି ଆଣୁଏ । ସଙ୍ଗାତ ଦେଖେ ତ ତା ଘରେ ପାଣି ସବୁ କିଛି ନଷ୍ଟ କରିବ ବିଚରା ମୁଣ୍ଡ କାନ ଆଉଁସି ନିଜ ଭୁଲ ବୁଝି ପାରିଲା । ପରକୁ ଠକିଲେ ନିଜେ ଠକରେ ପଡ଼ନ୍ତି ।

ପତରାଜପୁର, ବାଲିଚନ୍ଦ୍ରପୁର, ଯାଜପୁର

୦୦୦୦

# ବୁଢ଼ା ବରଗଛ

ରାମଚନ୍ଦ୍ର ଶତପଥୀ

ଜୀବନ ଏକ ଆଲୋକ ଅନ୍ଧାରର ଖେଳ । କେତେବେଳେ ଦିନ ତ ପୁଣି କେତେବେଳେ ରାତି । ଏହି ସତ୍ୟ ଉପରେ ମଣିଷକୁ ବଞ୍ଚିବାକୁ ପଡ଼େ । ଚାଲିବାକୁ ହୁଏ ଓ ଥକ୍କା ଲାଗିଲେ ବସିଯିବାକୁ ହୁଏ । ଦିନରେ ମଧ୍ୟ ମଧ୍ୟାହ୍ନର ରଙ୍ଗ ଅପରାହ୍ନକୁ ନଥାଏ । ଫୁଲଫୁଟି ମଉଳିଲା ପରି ଜୀବନର ରଙ୍ଗ ସେମିତି ତୋଫା ଦିଶି ମଉଳି ଯିବାକୁ ଆରମ୍ଭ କରେ । କାଳର ପ୍ରବାହ ଉପରେ କାହାର ବା ହାତ ଅଛି ? ସମସ୍ତେ ସେଠି ଅସହାୟ । ବୟସର ମଧ୍ୟାହ୍ନରେ ତାକୁ ଠିକ୍ ଭାବରେ ଚିହ୍ନି ହୁଏନା ମାତ୍ର ଅପରାହ୍ନରେ ଦୁଇହାତ ଟେକି ତା' ପାଖରେ ଶରଣ ପଶିବାକୁ ହୁଏ । କି ରାଜା କି ପ୍ରଜା ସମସ୍ତେ ସେଠି ସମାନ । ପକ୍ଷପାତର ସ୍ୱାର୍ଥପର ବିଚାର ସେଠି ନଥାଏ । ଥାଏ ସୁବିଧାବାଦରେ ଏହି ସମୟକୁ ନିଜ ଗର୍ବର ଅହଂକାରରେ ସଞ୍ଚାଳିତ କରୁଥବା ଅନ୍ଧ ମଣିଷଙ୍କ ପାଖରେ । ଆମ ସଂସ୍କୃତି ଓ ପରମ୍ପରାକୁ ଭୁଲି ଏମାନେ ବିଷ ପିଆଉଛନ୍ତି ସମୟକୁ ଓ ନିଜେ ମିଛ ସ୍ୱପ୍ନ ଦେଖି ବିଭୋର ହେଉଛନ୍ତି ।

ବସ୍‌ରୁ ଓହ୍ଲାଇ ପୂର୍ବ ଦିଗକୁ ଦୁଇ କିଲୋମିଟର ଚାଲିଲାପରେ ପ୍ରଥମେ ପଡ଼େ ଗଡ଼ପାଟଣା ଗାଆଁ । ଗାଆଁକୁ ଆସିବା ପାଇଁ ଏବେ ଭଲ ରାସ୍ତାଟିଏ ହୋଇଛି । ଗାଆଁ ଆରମ୍ଭରେ ରାସ୍ତାକୁ ଲାଗି କେଉଁ ଗୋଁସବାପ ଅମଳର ଝଙ୍କା ବରଗଛଟିଏ ସେମିତି ରହିଛି । ଯେତେବଡ଼ ଖରାଦିନ ହେଉପଛେ ସେଠି ବସିଗଲେ ଭାରି ଶାନ୍ତି । ଥଣ୍ଡା ପବନ ସାଙ୍ଗକୁ ବହଳ ଛାଇରେ ଥରେ ବସିଗଲେ ଆଉ ଉଠିବାକୁ ମନ ହୁଏନା । ଖରାଦିନର ସନ୍ଧ୍ୟାବେଳେ ଏଠାରେ ତିନିଖଣ୍ଡ ଗାଁର ଲୋକେ ଏକାଠି ହୁଅନ୍ତି । ଆପଦ ବିପଦ ବେଳେ ଏଇ ବରଗଛ ହିଁ ଲୋକଙ୍କର ସାହା ଭରସା । ଲୋକେ କହନ୍ତି ଜଣେ ସିଦ୍ଧବାବାଙ୍କର ଏଇଠି ଆଶ୍ରମଟିଏ ଥିଲା । ଯେତେବଡ଼ ଦୁରୋରୋଗ୍ୟ ରୋଗକୁ ବାବା ଏକ ବରପତ୍ର ଖୋଇ ଭଲ କରିଦେଉଥିଲେ ।



EMERALD
EDUCATION

+2 Science
+3 Science
(Hons & Pass)
Hostel For Boys & Girls
SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

ସିଦ୍ଧବାବା ମରିଯିବା ପରେ ଧୀରେ ଧୀରେ ସେ ମହିମା ସିନା ଊଣା ହୋଇଗଲା, ହେଲେ ଦୟାର ଅବତାର ଭଳି ଏଇ ବରଗଛ ଏତେ ବଢ଼ି ଚାଲିଲା ଯେ ଆଜି ତାହା ବିରାଟ କାୟା ବିସ୍ତାର କରି ଗାଁ ଲୋକଙ୍କୁ ଅଭୟ ଦାନ କରୁଅଛି । ଯେତେବଡ଼ ସମସ୍ୟା ଆସୁପଛେ ଏଇଠି ବସି ତାର ମୀମାଂସା ହୁଏ ଓ ଗାଁର ଭାଇଚାରା ଅତୁଟ ରହେ । ଲୋକ କହନ୍ତି ଏଇ ଗଛର ଛାଇରେ ଶାନ୍ତିର ମହୁ ଝରୁଛି ।

ବସ୍‌ଷ୍ଟାଣ୍ଡରୁ ଦୁଇ କିଲୋମିଟର ଚାଲିଚାଲି ଥକି ପଡ଼ିଥିଲେ ବୁଢ଼ାବୁଢ଼ୀ ରାସ୍ତାକଡ଼ରେ ଏଇ ବରଗଛକୁ ଦେଖି ଅଳ୍ପ ମେଣ୍ଟେଇବା ପାଇଁ ସେଇଠି ବସି ପଡ଼ିଲେ ଦୁହେଁ । ପରିଣତ ବୟସରେ ତାଙ୍କୁ ପୁଣି ଏମିତି ନିଆଶ୍ରୀ ହେବାକୁ ପଡ଼ିବ ଏକଥା କେବେ ସ୍ୱପ୍ନରେ ଭାବି ନଥିଲେ ସେ । ବୁଢ଼ୀ ଅଙ୍ଗମଙ୍ଗ ହୋଇ କହିଲା - ଇଏତ ଅଜଣା ଜାଗା । ଅଚିହ୍ନା ମଣିଷ । ଏଠି ଆମକୁ ଆଶ୍ରା ଦେବ କିଏ ? ଆମେ ବଞ୍ଚିବା କେମିତି ? ବୁଢ଼ା ବିଚରା ବିଶ୍ୱାସ ଭରା ଆଶ୍ୱାସନା ଶୁଣାଇ ଉତ୍ତର ଦେଲା - ତମେ ଜମା ବ୍ୟସ୍ତ ହୁଅନା, ମନରେ ଥାଇ ଯିଏ ଆମକୁ ଏଠିକି ଆଣିଛି ସେଇ ତ ଆମରି ଭିତରେ ଅଛି । ସେଇ ଆମକୁ ଆଶ୍ରା ଦେବ । ଆଜି ଆସି ଆମେ ଯେଉଁ ବଟବୃକ୍ଷ ମୂଳେ ବସିଛେ ସିଏ ହେଉଛି ମହାପ୍ରଭୁଙ୍କ କଳ୍ପବୃକ୍ଷ । କଳ୍ପବୃକ୍ଷ ତଳେ ବସି କିଏ କେବେ ନିଆଶ୍ରୀ ହୁଏ ? ଆମେ ପରା ଘରୁ ପଦାକୁ ବାହାରିଲାବେଳେ ଦୁଇ ହାତୁକ ଟେକି ଚାଲି ଆସିଛେ ? ସେଠି ଥାଇଁ ଆମେ ମାୟାରେ ପଡ଼ିଥିଲେ । ଛଟପଟ ହେଉଥିଲେ । ଆଜି ଆଉ ସେ ମାୟା ନାହିଁ । ଦୁଃଖ ଆଉ କାହିଁକି ଆମକୁ ଛୁଇଁବ ? ଦେଖିବ ଆମର ଶେଷ ଜୀବନ ଭଲରେ ଭଲରେ ଏଇଠି କଟିଯିବ । ଆମେ ଆଉ କେତେଦିନ ବଞ୍ଚିବା ଯେ ? ମନରେ ଥୟ ଧର । ସାହା ବାନ୍ଧ । ଦେଖିବ ସବୁ ଠିକ୍ ହୋଇଯିବ । ଏତେବଡ଼ ଦୁନିଆଁ ଚଳୁଛି । ଆମେ ବୁଢ଼ାବୁଢ଼ୀ ଦି'ଟା କ'ଣ ଚଳିପାରିବା ନାହିଁ । ଆମ ଭିତରେ ଯେଉଁ ଆତ୍ମା ଅଛି, ସେଇତ ଆମକୁ ଏଠିକି ଆଣିଛି । ଆତ୍ମା ହେଉଛି ପରମେଶ୍ୱର । ପରମେଶ୍ୱର କେବେ କ'ଣ କାହା ପ୍ରତି ନିର୍ଦ୍ଦୟ ହୁଅନ୍ତି ? ଠିକ୍ ଏତିକିବେଳେ ଦମକାଏ ଥଣ୍ଡା ପବନ ବହି ଆସିଲା । ବୁଢ଼ାବୁଢ଼ୀ ବସୁ ବସୁ ସେଇଠି ଶୋଇପଡ଼ିଲେ ।

ବେଳ ଆସି ଚାରିଟା ହେଲା । ଖରା ବି ନଇଁନଇଁ ଆସିଲା । କିଛିବାଟରୁ ଭାସି ଆସୁଥିଲା ମିଠାମିଠା ବଂଶୀସ୍ୱନ । ବଂଶୀସ୍ୱନ ନିକଟରୁ ନିକଟତର ହେଲା । ଗୋରୁପଲକୁ ଅଡେଇ ଅଡେଇ ବଂଶୀବଜାଇ ଘରକୁ ଫେରୁଥିଲା ଜଗନ । ଜଗନର ବଂଶୀରେ କି ଯାଦୁଥାଏ କେଜାଣି ସମସ୍ତେ ତାର ବଂଶୀସ୍ୱନକୁ ଶୁଣି ଖୁସି ହୁଅନ୍ତି । ତାକୁ ଭାରି ଭଲ ବି ପାଆନ୍ତି । ଏତିକି ବେଳେ ବୁଢ଼ୀର ନିଦ ଭାଙ୍ଗିଲା । ସେ ବୁଢ଼ାକୁ ଉଠାଇ କହିଲା - ଉଠ, ଉଠ । ବେଳ ଆସି ବୁଡ଼ିବାକୁ ବସିଲାଣି । ଏବେ କ'ଣ କରିବା, କେଉଁଠି ରହିବା ? ବୁଢ଼ା ଉଠିପଡ଼ି କହିଲା - କାହିଁକି ଏତେ ବ୍ୟସ୍ତ ହେଉଛ କହିଲ ? ତମେ ପରା ପ୍ରଭୁଙ୍କ ବଟବୃକ୍ଷତଳେ ବସିଛ ? ପ୍ରଭୁ କ'ଣ କାହାକୁ କେବେ ନିରାଶ କରନ୍ତି ? ଜଗନର ଗୋରୁପଲ ଫେରିବା ବାଟରେ ଏହି ପଡ଼ିଆରେ ଘାସ ଦେଖି ଚରିବାକୁ ଲାଗିଲେ । ଜଗନ ଗଛମୂଳକୁ ଚାଲିଆସିଲା । ବୁଢ଼ାବୁଢ଼ୀ ଦୁହିଁଙ୍କୁ ଦେଖି ପଚାରିଲା- ମଉସା, କେଉଁଠିକି ଯିବ ? ବୁଢ଼ୀ କାନ୍ଦି ପକାଇ କହିଲା - ନାହିଁରେ ପୁଅ । ଆମେ ନିଆଶ୍ରୀ ଲୋକ । ଆମର ଘରଦ୍ୱାର ନାହିଁ । କେଉଁଠିକି ଆଉ ଯିବୁ ? ଯିଏ ଆଶ୍ରା ଦେବ, ତାରି ପାଖରେ ରହିବୁ । ଜଗନ ଏହା ଶୁଣି କହିଲା - ମାଉସୀ - ତୁମର କ'ଣ କେହି ନାହାଁନ୍ତି ? ବୁଢ଼ା ଉତ୍ତର ଦେଲା - ସେ କଥା ଆଉ ପଚାରନା । ଥିବା ନଥିବା ଆମ ପାଇଁ ସବୁ ସମାନରେ ପୁଅ । ଦଇବ ଆମର ସବୁକିଛି । ସିଏ ଯୁଆଡ଼େ ନବ, ଆମେ ସିଆଡ଼େ ଯିବୁ । ଜଗନ କିଛି କ୍ଷଣ ବୁଢ଼ାବୁଢ଼ୀଙ୍କ ମୁହଁକୁ ଚାହିଁ ଭାବିବାକୁ ଲାଗିଲା । ମୁହଁରେ ତାର ଦୟାର ଫୁଲ ପାଖୁଡ଼ାଏ ହସି ଉଠିଲା । ଦୁଃଖକୁ ଦୁଃଖୀ ବୁଝେ । ଯନ୍ତ୍ରଣା ଭୋଗିଥିବା ଲୋକ ହିଁ ଯନ୍ତ୍ରଣାକୁ ବୁଝେ । ସେଥିପାଇଁ ସେ ଦୃଢ଼ କଣ୍ଠରେ ଘୋଷଣା କଲେ- ଆଜିଠାରୁ ତୁମେ ଦୁହେଁ ମୋର ମଉସା ଓ ମାଉସୀ । ଆଜିଠାରୁ ତୁମେ ମୋରି ଘରେ ରହିବ ।

ମୋର ବି କେହି ନାହାଁନ୍ତି । ବାବା ସୁରତ୍‌ରେ କାମ କରୁଥିଲେ । ଏଡ୍‌ସ ଧରିଲା । ବାପା ମା ଦୁହେଁ ଏଡ୍‌ସ ରୋଗରେ ପଡ଼ି ପଡ଼ି ମରିଗଲେ । ସେତେବେଳକୁ ମୁଁ ପାଞ୍ଚ ବର୍ଷର ପିଲା । ଗାଁ ଲୋକେ ଖୋଇପେଇ ମତେ ବଞ୍ଚାଇ ରଖିଲେ । ତାଙ୍କରି ଦୟାରୁ ଚଳୁଥିଲି । ଗତବର୍ଷ ମତେ ନଅବର୍ଷ ପୁରି ଦଶବର୍ଷ ଚାଲିଲା । ମୁଁ ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପାଠ ପଢ଼େ । ଆମ ଶ୍ରେଣୀରେ ମୁଁ ପ୍ରଥମ ସ୍ଥାନରେ ପାଶ୍ କରୁଛି । ରବିବାର ହେଲେ ଯେଉଁମାନେ ମତେ ସାହାଯ୍ୟ କରୁଛନ୍ତି, ସେମାନଙ୍କ ଗାଈ ଗୋରୁ ଆଣି ଚରାଏ । ଆମ ଗାଁର ଉତ୍ତମ ଭାଇ ଭାରି ଭଲ ମଣିଷ । ସେ ଗୋଟିଏ ସ୍କୁଲ୍ ବି ତିଆରି କରିଛନ୍ତି । ସେଇ ସ୍କୁଲ୍‌ରେ ମୋ ପରି ନିଆଶ୍ରୀ ପିଲା ପାଠ ପଢ଼ନ୍ତି । ମୋ ସାଙ୍ଗରେ ଚାଲ । ଆମ ଘରେ ରହିବ । ମୁଁ ଉତ୍ତମ ଭାଇଙ୍କୁ କହି ତୁମର ସବୁ ବ୍ୟବସ୍ଥା କରିଦେବି । ମନ୍ତ୍ରମୁଗ୍ଧ ଭଳି ଜଗନ୍‌ର କଥା ଶୁଣୁଥିଲେ ବୁଢ଼ାବୁଢ଼ୀ, କେଡ଼େ ସୁନ୍ଦର ପିଲାଟିଏ । କେମିତି କଅଁଳିଆ ସ୍ୱରରେ ଡାକୁଛି । ସତେ କ'ଣ କିଏ ଆମକୁ ଆଶ୍ରା ଦେଇପାରିବ - ଭାବୁଥିଲେ ଦୁହେଁ । ଜଗନ୍ ବୁଢ଼ାର ହାତ ଧରି କହିଲା - ଆଉ ଭାବୁଛ କ'ଣ ମଉସା ! ଆସମ ! ମୁଁ ପିଲା ବୋଲି ମତେ ନାପସନ୍ଦ କରୁଛ କି ? ତୁମେ ମୋରି ପାଖରେ ରହିଲେ ମୁଁ ବି ତ ଆଶରା ପାଇଯିବି । ସାହାସ ପାଇଯିବି ବଞ୍ଚିବାକୁ । ବୁଢ଼ାବୁଢ଼ୀ ଜଗନର ଭରସା ପାଇ ତାରି ସାଥିରେ ଗଲେ । ଜଗନ ଗାଈପଲକୁ ଗୋଡ଼େଇ ଆଣିଲା । ସମସ୍ତେ ସାଙ୍ଗ ହୋଇ ଚାଲିଲେ ଗଡ଼ପାଟଣା ଗାଁ ଆଡ଼େ ।

ଗାଁରେ ଜଗନର ଚାଳିଘର । ଘର ଦୁଆର ଖୋଲି ସେ ବୁଢ଼ାବୁଢ଼ୀଙ୍କୁ ଭିତରକୁ ଯିବାକୁ କହିଲା । ନିଜେ ଗଲା ଗାଁର ଗାଈଗୋରୁ ଲୋକମାନଙ୍କର ଜିମା ଦେବାକୁ । କିଛି ସମୟ ପରେ ଫେରିଲା ଉତ୍ତମ ଭାଇଙ୍କ ସାଙ୍ଗରେ ଧରି । ଉତ୍ତମ ଭାଇ ଜଗନର ଭଗବାନ । ବୁଢ଼ାବୁଢ଼ୀଙ୍କୁ ଦେଖି ଉତ୍ତମ ଭାଇ ନମସ୍କାର କରି କହିଲେ - ତୁମେ ଗୁରୁଜନ ! ଏ ବୟସରେ ତୁମେ ଆଉ କୁଆଡ଼େ ଯିବ । ଆମେ ପରା ପୁଅ ପରି । ଆମେ ଅଛୁ । ତୁମ ଅସୁବିଧାର କିଛି ହେବ ନାହିଁ । ଜଗନ ମୋର ସାନ ଭାଇ । ସେ ଯେତେବେଳେ ଘରକୁ ଡାକି ଆଣିଛି ଆଜିଠାରୁ ତୁମେ ଆମର ଅତିଥି, ଉଠ, ମୁହଁ ହାତଧୁଅ, ଦିନସାରା କିଛି ଖାଇ ନାହଁ । କ'ଣ ଦି'ଟା ଖାଇନେଇ ସୁସ୍ଥ ହୋଇଯାଅ । କାଲିଠାରୁ ଆମ ବିଦ୍ୟାଳୟକୁ ଯିବ । ସେଠି ମୋର କୁନିକୁନି ପୁଅଝିଅମାନେ ପାଠପଢୁଛନ୍ତି । ତୁମର ନାତିନାତୁଣୀ ସେମାନେ । ତାଙ୍କରି ଯତ୍ନ ନେବ । ସମସ୍ତେ ମିଶି ସେମାନଙ୍କୁ ମଣିଷ ପରି ମଣିଷ କରିବ । ଆ-ଜଗନ୍ ମୋ ସାଥିରେ ଆ । ମଉସା ମାଉସୀଙ୍କୁ ଭାରି ଭୋକ । କିଛି ଖାଦ୍ୟ ଜିନିଷ ନେଇଆସିବୁ । ଜଗନ ଓ ଉତ୍ତମ ଭାଇ ଚାଲିଗଲାପରେ ବୁଢ଼ୀ କହିଲେ — ଭାରିଭଲ ଲୋକ ଏମାନେ ବୁଢ଼ା କହିଲେ - ମୁଁ କହୁଥିଲି ନା କଳ୍ପବୃକ୍ଷତଳେ ଆଶ୍ରୀନେଲେ ଭୋକ ଶୋଷ ରହେ ନାହିଁ ।

ସାଆନ୍ତପଡ଼ା ଗ୍ରାମର ରବି ସେନାପତିଙ୍କୁ କିଏ ନ ଜାଣେ ? ମଣିଷ ପରି ମଣିଷଟିଏ । ତାଙ୍କ ସ୍ତ୍ରୀ ଅରୁନ୍ଧତୀ ବି ସେହିପରି । ନିମିଷକରେ ସେ ପରକୁ ଆପଣାର କରି ନିଅନ୍ତି । ଜମିବାଡ଼ି ନଥିଲେ କଣ ହେବ ପାଞ୍ଚ ଖଣ୍ଡିଗାଁରେ ରବି ସେନାପତିଙ୍କୁ ଡାକରା । ନ୍ୟାୟ, ନିଶାପ, ଝିଅ ବାହା, ବ୍ରତଘର, ପିଣ୍ଡ ଶ୍ରାଦ୍ଧ, ରୋଗୀ ସେବା ଆଦି ଆପଦବିପଦ ବେଳେ ସେ ଦେବ ପ୍ରତିମା ମଣିଷ । ଖାଲି ଟିକିଏ ଖବର ପାଇଲେ ହାଜର ହେଇଯିବେ । ଭାରି ଭଲ ମଣିଷଟିଏ । ଟୁଟୁକା ଟୁଟୁକି ଔଷଧ ବି ଜାଣନ୍ତି । ଜ୍ୱର କି ଝାଡ଼ା ହେଲେ କବିରାଜ ବେଗଧରି ହାଜର । କିଏ ପଇସା ଦେଲା କି ନ ଦେଲା କିଛି ଯାଏ ଆସେ ନଥାଏ । ସମସ୍ତେ ତାଙ୍କୁ ଏଇ ଉଦାରତା ପାଇଁ ଭଲପାଆନ୍ତି । ତାଙ୍କର ଗୋଟିଏବୋଲି ପୁଅ ରମେଶ । ରମେଶ ଭଲ ପାଠପଢ଼େ ବୋଲି ତାର ପାଠପଢ଼ା ପାଇଁ ବହୁଲୋକ ସହାନୁଭୂତି ଦେଖାନ୍ତି । ରବି ସେନାପତି ଜଣେ ଆର୍ଥିକ ଅକ୍ଷମ ବ୍ୟକ୍ତି ହେଲେ କ'ଣ ହେଲା ତାଙ୍କର ଉଦାର ହାତ ଯେମିତି ପରପାଇଁ ଲମ୍ବିଥାଏ, ପରମଣିଷଙ୍କ ସହଯୋଗର ହାତ ତାଙ୍କ ପ୍ରତି ବି ଲମ୍ବିଆସେ । ପୁଅଟିର ପାଠପଢ଼ା ପାଇଁ କେବେ ମଧ

ଅସୁବିଧା ହୋଇନାହିଁ । ପୁଅ ସ୍କୁଲ ଛାଡ଼ି କଲେଜ ଓ କଲେଜ ସାରି ମେଡ଼ିକାଲ କଲେଜରେ ପଢ଼ିବା ଯାଏ "ଗାଁର ଲୋକମାନେ ଯେତେବେଳେ ଯାହା ଦରକାର ତାହା ସାହାଯ୍ୟ କରନ୍ତି । ମେଡ଼ିକାଲର ଶେଷବର୍ଷ ଆଡ଼କୁ ରବି ସେନାପତି ପୁଅର ପାଠପଢ଼ା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେବାରୁ ନିଜର ଘର ଡିହ ସହିତ ଛ'ଗୁଣ୍ଠ ଜମି ବାଧ୍ୟ ହେଇ ବିକି ଦେଇଥିଲେ । ସେତେବେଳେ ରମେଶ କହିଥିଲା - ବାପା ! ଚିନ୍ତା କରନା ! ମୁଁ ଡାକ୍ତର ହେଲାପରେ ତୁମକୁ ମୋ ପାଖକୁ ନେଇଯିବି । ଆମେ ସହରରେ ରହିବା । ଗାଁରେ ଆମର ଆଉ ଜମିବା କଣ ହେବ ? ବିକି ଦେଇ ଭଲ କରିଛ ?

ପୁଅ ରମେଶ ବି ମେଡ଼ିକାଲ ପରୀକ୍ଷାରେ ଫାଷ୍ଟକ୍ଲାସ ନମ୍ବର ରଖି ପାଶ୍ କଲା । ଖବର ପାଇ ରବି ସେନାପତି ଆନନ୍ଦରେ ନାଚି ଉଠିଲେ । ତାଙ୍କ ଗୋଡ଼ ତଳେ ଲାଗୁନଥାଏ । ଏଥର ଦୁଃଖ ଗଲା ଭାବି ଆନନ୍ଦରେ ଅରୁନ୍ଧତୀ ବୃନ୍ଦାବତୀଙ୍କ ପାଖରେ ଧୂପ, ଦୀପ ଲଗାଇ ପୂଜା କଲେ ଓ ଗାଁ ଠାକୁରାଣୀଙ୍କ ମାର୍ଜନା କଲେ । ଗାଁ ସାରା ସମସ୍ତେ କହିଲେ - ରବି ସେନାପତିଙ୍କ ପୁଅ ଗାଁ ପିଲାଙ୍କ ଭିତରେ ହୀରା ଖଣ୍ଡେ । ଯା' ହଉ ଆମ ଗାଁର ନାଁ ରଖିଲେ । ବାପ ମା'ଙ୍କ ନାଁ ବି ରଖିଲେ ।

ରମେଶ ଖୁବ୍ ଶୀଘ୍ର ଏକ ସରକାରୀ ଡାକ୍ତରଖାନାରେ ନିଯୁକ୍ତିଟିଏ ପାଇଗଲେ । ନିଯୁକ୍ତି ମିଳିବା ପରେ ପରେ ବହୁ ଥିଲାବାଲା ଲୋକେ ତାଙ୍କ ଘରକୁ ବିବାହ ପ୍ରସ୍ତାବ ନେଇ ଆସିଲେ । ମାତ୍ର ରମେଶ ସବୁ ପ୍ରସ୍ତାବକୁ ନିଜ ତରଫରୁ ମନାକରି ଏଡ଼େଇ ଦେଉଥିଲେ । କିଛିଦିନ ପରେ ଶେଷରେ ସେ ନିଜ ପ୍ରେମିକାକୁ ବିବାହ କଲେ । ରବି ସେନାପତି ନ୍ୟାୟ ଏବଂ ସଂସ୍କୃତିର ମଣିଷ । ପୁଅର ଏପରି ବିବାହକୁ ସେ ସ୍ୱୀକାର କଲେ ସିନା, ମନ ଭିତରେ ତାଙ୍କ ପିତୃତ୍ୱକୁ ଅବମାନନା ଓ ବେଖାତିର କରିବାର କୋହକୁ ଚାପି ରଖିବାର ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ । ଅରୁନ୍ଧତୀ ଦେବୀ ପୁଅର ଏପରି ବେପରୁଆ ନିଷ୍ପତ୍ତିରେ ଅବାକ୍ ହୋଇଗଲେ । ପୁଅର ବାହାଘର ହେବ, ଅଥଚ ଜନ୍ମକଲା ବାପା ଜାଣିବନି ? କି ଯୁଗ ହେଲା ଲୋ ମା' । ବାହାଘରର ଦିନକ ପୂର୍ବରୁ ଏହା ତାଙ୍କୁ ଜଣାଇ ଦିଆଗଲା । ବନ୍ଧୁ ସଙ୍ଗୋଳା ହେଲା ନାହିଁ । ଦିଅଁ ମଙ୍ଗଳା ହୋଇ ପାରିଲା ନାହିଁ । ଘର ଦୁଆର ମୁହଁରେ ଶୁଭଶଙ୍ଖ ବାଜିପାରିଲା ନାହିଁ । ବନ୍ଧୁବାନ୍ଧବ ଗଲାପରି ଗଲେ ଓ ସପ୍ତମଙ୍ଗଳା ସରିଲାପରେ ଫେରି ଆସିଲେ ଗାଆଁକୁ ।

ରବି ସେନାପତିଙ୍କ ମନରେ ଛନକା ପଶିଗଲା । ଘର ଓ ଜମି ବିକ୍ରି କରିଦେଇ ସେ ମନେ ମନେ ପସ୍ତାଉଥିଲେ । ପୁଅର ଅବସ୍ଥାତ ଏମିତି । କେତେ ଦିନ ଆଉ ସେ ପରଘରେ ରହିଥିବେ । ଘର ବିକି ଦେବାପରେ ଏ ଘରେ ରହିବାକୁ ତାଙ୍କର ଆଉ କି ଅଧିକାର ଅଛି । ଅନ୍ୟର ଦୟା ଉପରେ କେତେ ଅବା ଭରସା ? ଯେଉଁଦିନ ସେ ଘର ଛାଡ଼ବୋଲି କହିବ କ'ଣ କରିବ ସେ ? ଏଇ ଚିନ୍ତାରେ ଅସ୍ଥିର ହେଉଥିଲେ ସେ । ହଠାତ୍ ଦିନେ କାର୍‌ଟିଏ ଆସି ତାଙ୍କ ଘର ଆଗରେ ଲାଗିଲା । କାର୍‌ରୁ ଓହ୍ଲାଇଲେ ତାଙ୍କ ପୁଅ ରମେଶ । ଘରକୁ ଆସି ବାପାବୋଉଙ୍କୁ ପ୍ରଣାମ ଜଣାଇ ସେ କହିଲେ- ଚାଲ ମୋ ସାଥିରେ । ମୁଁ ସହରରେ ଘରଭଡ଼ା ନେଇ ରହୁଛି । ତମ ବୋହୂ ରାନୁ ମତେ ବାଧ୍ୟ କରି ପଠାଇଛି- ଚାଲ ଆମେ ସେଠି - ସମସ୍ତେ ସାଙ୍ଗ ହୋଇ ରହିବା । ରବିଙ୍କୁ ଏକଥା କିଛି ଭଲ ଲାଗୁନଥିଲା । ହେଲେ ଅରୁନ୍ଧତୀ କହିଲେ- ଆମେ ବୁଢ଼ାବୁଢ଼ୀ ହେଲେ । ଆମର ଆଉ କେତେଦିନ ବା ଆୟୁଷ ? ଏଥର ପୁଅ ବୋହୂ ଯାହା କହିବେ ସେଥିରେ ଆମେ ଅରାଜି ହେବା ଠିକ୍ ନୁହଁ । ତମେ ରାଜି ହୋଇଯାଅ । ରମେଶ ଛଡ଼ା ଆମର ବା ଆଉ କିଏ ଅଛି ? ନଅଟା ନା ଛଅଟା ଅଛି ମୋର ! ଚାଲ, ଆଉ ଡେରି କରନି । ନହେଲେ ପିଲାଟାର ମନ ଭାଙ୍ଗିଯିବ ଯେ ! ରବି ଉପାୟହୀନ ହୋଇ ଅରୁନ୍ଧତୀଙ୍କ କଥାରେ ରାଜି ହେଲେ ଓ ପୁଅ ଗାଡ଼ିରେ ସହରକୁ ଚାଲିଗଲେ । ଗଲାବେଳେ ବାଟରେ ଯଦୁ ଦାସ ଦେଖାହେଲେ ଓ କହିଲେ - ରବିଭାଇ ପୁଣି କେବେ

ଗାଁକୁ ଆସିବ ? ରବି କହିଲେ - ଆରେ ଯଦୁ ! ମୁଁ ପରା ଏଇ ଗାଁର ମଣିଷ । ଗାଁ ଛାଡ଼ି ସିନା ସହରକୁ ଯାଉଛି ହେଲେ ମୋ ଆତ୍ମା ସଦାବେଳେ ତମମାନଙ୍କ ସାଥିରେ ହିଁ ରହିଚି । ଗାଡ଼ି ଛାଡ଼ିଦେଲା ପୁଅ ରମେଶ ସାଥିରେ ରବି ସେନାପତି ଓ ମା' ଅରୁନ୍ଧତୀ ସହରକୁ ଚାଲିଗଲେ । ବଟଓଝା ଓ ଗଣି ସେଠି କହୁଥିଲେ - ଜଣେ ଭଲ ମଣିଷ ଆଜି ଗାଁରୁ ଚାଲିଗଲେ ।

ସହରରେ ଭଡ଼ାଘରେ ରହୁଥିଲେ ରମେଶ । ଭଲଘର । ସେଇଠି ରାନୁ ଓ ରମେଶ ରହୁଥିଲେ । ରମେଶ, ରବି ଓ ଅରୁନ୍ଧତୀଙ୍କୁ ସାଙ୍ଗରେ ଧରି ଘର ଭିତରକୁ ପ୍ରବେଶ କଲା । ନୂଆ ବୋହୂଟା ଶାଶୂ ଶ୍ୱଶୁରଙ୍କୁ ଟିକେ ତଲାସିବାକୁ ବି ଆସିଲା ନାହିଁ । ମଳିମୁଣ୍ଡିଆ ମଫସଲି ବାପ, ମା'ଙ୍କୁ ଦେଖି ରାନୁ ନାକ ଟେକୁଥିଲା । ରମେଶର ଇଙ୍ଗିତରେ ଆସି ଠିଆଠିଆ ପ୍ରଣାମ ଜଣାଇଲା । ଏକ ଅଣନିଶ୍ୱାସୀ ପଡିଆରାରେ ଦୀର୍ଘଶ୍ୱାସ ବାହାରି ଆସିଲା ରବି ସେନାପତିଙ୍କର । ଜୀବନର ଚଲାପଥର ମୋଡରେ ସମୟକୁ ପରଖିବା ପାଇଁ ସେଇଠି ହିଁ ରହିଗଲେ ବୁଢ଼ାବୁଢ଼ୀ ଦୁହେଁଯାକ । ପୁଅ ରମେଶ ବୁଢ଼ାବୁଢ଼ୀଙ୍କୁ ତାଙ୍କ ରହିବା କୋଠରୀ ଦେଖେଇ ଦେଇ ନିଜ କକ୍ଷକୁ ଚାଲିଗଲେ । ବୃଦ୍ଧ ରବି ସେନାପତି ଅସହାୟ ହୋଇ ଚାହିଁ ରହିଥିଲେ ସ୍ତ୍ରୀ ଅରୁନ୍ଧତୀଙ୍କ ମୁହଁକୁ । ଅରୁନ୍ଧତୀ ଚାପାଗଳାରେ କହିଲେ - ତମେ ଜମା ବ୍ୟସ୍ତ ହୁଅନା । ନୂଆ ଭୂଆ ଅଳ୍ପ କେଇଟା ଦିନ ଭିତରେ ସବୁ ଠିକ୍ ହୋଇଯିବ । ଆଜି କଥା ପରା କାଲିକୁ ରହେନା । ରବି କହିଲେ - ହଉ ହଉ ଦେଖଯାଉ କେଉଁପାଣି କେଉଁଠିକି ଯାଉଛି ।

ଆ'ଭିତରେ ଛ'ମାସ କଟିଗଲାଣି । ଗୁରୁଜନଙ୍କୁ ଅବମାନନା ସହି ସହି ଧୀରେ ଧୀରେ ବୁଢ଼ାବୁଢ଼ୀ ପଥର ପାଲଟି ଯାଉଥିଲେ । ଡାକ୍ତର ପୁଅ ସକାଳୁ ସକାଳୁ ନିତ୍ୟକର୍ମ ସାରିଦେଇ ଡାକ୍ତରଖାନାକୁ ଚାଲିଯାଏ । ଫେରେ ବିଳମ୍ବିତ ରାତିରେ । ଏହି ସମୟତକ ବୁଢ଼ାବୁଢ଼ୀଙ୍କୁ ବୋହୂ ରେଣୁର ଚାକର ହେବାକୁ ପଡ଼େ । ବୁଢ଼ୀ ଅରୁନ୍ଧତୀ ସକାଳୁ ଉଠି ଘର ଓଳାଏ । ବାସନ ମାଜେ । ଲୁଗାପଟା ସଫାକରେ । ବୃଦ୍ଧ ରବି ନିଇତି ସକାଳୁ ଉଠି କ୍ଷୀର ଆଣିବାକୁ ଯାଆନ୍ତି, ବଜାର ସଉଦା କରନ୍ତି । ବୋହୂର ବରାଦକୁ ଜଗି ଯେଉଁଠିକି ପଠାନ୍ତି ସେଠାକୁ ଯାଆନ୍ତି । ସେଥିରେ ପୁଣି କିଛି କାମରେ ଭୁଲ୍ ହୋଇଗଲେ ବୋହୂ ଅପମାନ ଦେଇ କହେ - ଗାଉଁଲି ମଫସଲୀ ଲୋକ । କେଉଁ କାମକୁ ନୁହେଁ । ସହର ବଜାରରେ ଚଳିବା କାଇଦା ତୁମକୁ ଜଣାନାହିଁ । କେଉଁ କାମକୁ ତ ପାରୁନ । କଣ ଖାଲି ବସିକରି ଖାଇବ ? ବୁଢ଼ୀ ମଧ୍ୟ ସେମିତି ବୋହୂର ଗଞ୍ଜଣା ଶୁଣି ଶୁଣି କାଠ ପାଲଟି ଗଲେଣି । ଏହିପରି ମାନସିକ ଦୁଃଖ ପାଇ ବୁଢ଼ାବୁଢ଼ୀ ଦୁହେଁ କେବେ ମନଖୋଲି କଥା ହେଇପାରନ୍ତି ନାହିଁ । ରାତିହେଲେ ବୁଢ଼ୀପୁଅ ବାଟକୁ ଚାହିଁ ଚାହିଁ ଦୁଆର ଜଗି ବସିଥାଏ । ପୁଅ ଆସିଲେ ବୁଢ଼ୀ କବାଟ ଖୋଲିବ । ଖାଇବାକୁ ଦେବ । ବାସନ ମାଜିବ । ସେତେବେଳକୁ ବୋହୂ ସାଆନ୍ତାଣୀ ଶୋଇପଡ଼ନ୍ତି । ବିଛଣା ଧରୁଧରୁ ରାତିବାର । ବୁଢ଼ାବିଚରା ଶୋଇପଡ଼ିଥାଏ । ପୁଣି ସକାଳୁ ଉଠିବାକୁ ହୁଏ । କାରଣ ରୁଟିନ୍ ବନ୍ଧା କାମରେ ଯଦି ଟିକିଏ ଏପଟ ସେପଟ ହେବ ତେବେ ବୋହୂର ନାଲିଆଖି ବିଚରାଙ୍କ କଲିଜା ଥରେଇ ଦେବ ।

ଏମିତି ଦୁଃଖ କଷ୍ଟରେ ବର୍ଷେ ଗୋଟାଏ ସରିଗଲା । କେତେଥର ବୁଢ଼ାବୁଢ଼ୀ ଏକୁଟିଆ ବସି କାନ୍ଦିଛନ୍ତି । ସେମାନଙ୍କର ଏ ବାର୍ଦ୍ଧକ୍ୟ ଦୁଃଖଠାରୁ ବୋହୂର ଗଞ୍ଜଣା ବଳିପଡ଼ିଛି । ସେଥିରେ ପୁଣି ରାତିରେ ଶୋଇବା ବେଳେ ରମେଶ ଓ ରାନୁ ବୁଢ଼ାବୁଢ଼ୀଙ୍କ ପାଇଁ କଳିକଜିଆ କରନ୍ତି । ରାନୁ ବଡ଼ପାଟିକରି କହେ - ଖାଲି ତମରି ପାଇଁ ମୁଁ ଯାହା ଏତେ হଇରାଣ ହେଉଛି । ବୁଢ଼ାବୁଢ଼ୀ ଦି'ଟାଙ୍କୁ ମୋ ମୁଣ୍ଡରେ ଲଦିଦେଇ ତମେ ତମ ଅଫିସକୁ ଚାଲିଯାଉଛ ସେମାନଙ୍କ କଥା ବୁଝାବୁଝି କରି ମୋର ଖାଇବା ପିଇବା ଠିକ୍ ରହୁନାହିଁ । ଏଇ କେଇଟା ଦିନ ଭିତରେ ଦେଖୁନ ମୁଁ କେମିତି ଶୁଖିଗଲିଣି । ଏମାନେ ଯଦି ଏଠାରେ ଏମିତି ରହନ୍ତି ତେବେ ମୁଁ ଶୁଖିଶୁଖି ମରିବା ଆଗରୁ ଆତ୍ମହତ୍ୟା କରିଦେବି । ରମେଶ ସବୁ କଥା ଶୁଣିସାରି କହେ - ରାନୁ, ସେମାନେ ତମର ଶାଶୂଶ୍ୱଶୁର । କ'ଣ ପରମଣିଷ

ହେଇଛନ୍ତି ? ତାଙ୍କୁ ନେଇ ଏମିତି କ'ଣ କହୁଚ ତମେ ? ରାନୁ ରାଗି ଉଠି ଉତ୍ତର ଦିଏ - ସେମାନେ ତମର ବାପ, ମା' । ମୋର ସେମାନେ କ'ଣ କି ? ସେମାନଙ୍କ ପାଇଁ ମୁଁ କାହିଁକି ଏତେ ଦହଗଞ୍ଜ ହେବି ? ପୁଅ ବୋହୂଙ୍କର ଝଗଡ଼ା ଶୁଣି ବୁଢ଼ାବୁଢ଼ୀ ବୋକା ପାଲଟିଯାଆନ୍ତି । ଝଗଡ଼ାର ମୂଳକାରଣ ସେ ଦୁହେଁ ବୋଲି ସେମାନେ ବୁଝିପାରନ୍ତି । ପୁଅ ମଧ୍ୟ ବାଧ୍ୟ ଶିଶୁଟିଏ ଭଳି ନିଜ ସ୍ତ୍ରୀକୁ ସାନ୍ତ୍ୱନା ଦେଇ କହେ - ହଉ, ତମେ ଶୋଇପଡ଼ । ସେମାନଙ୍କ ପାଇଁ ନିକଟରେ ମୁଁ ଅଲଗା କିଛି ବ୍ୟବସ୍ଥା କରିଦେବି । ଏମିତି ଅନେକଥର ସେମାନଙ୍କର ରାତି ଅଧିଆ କଳିକଜିଆ ବୁଢ଼ାବୁଢ଼ୀ ଦୁହେଁ ଶୁଣିଲେଣି । ବାଧ୍ୟ ହୋଇ ନୀରବ ରହନ୍ତି । କିଛି କହନ୍ତି ନାହିଁ ।

ଦିନେ ରାନୁର ଜନ୍ମଦିନ ପାଇଁ ଘରେ ଏକ ଭୋଜିର ଆୟୋଜନ ହୋଇଥାଏ । ଅନେକ ବଡ଼ ବଡ଼ିଆ ସେଦିନ ଆସି ପହଞ୍ଚିଲେ । ଦିନକ ପୂର୍ବରୁ ଶାଶୂଶ୍ୱଶୁର ଦୁହିଁଙ୍କୁ ବୋହୂ ତାଗିଦ୍ କରି କହିଥାଏ-ଦେଖ, ଇଏ ଗାଁ ନୁହେଁ ସହର । ବଡ଼ ବଡ଼ ଲୋକମାନେ ତୁମ ପୁଅଙ୍କର ସାଙ୍ଗସାଥି । ସେମାନେ ସମସ୍ତେ କାଲି ଆମ ଘରକୁ ଆସିବେ । ସେମାନେ କେମିତି ଭଲରେ ଭଲରେ ଖାଇପିଇ ବିଦାହେବେ ସେ ଦାୟିତ୍ୱ ତୁମର । ସେମାନଙ୍କ ଚର୍ଚ୍ଚାରେ ଯେମିତି କିଛି ଅସୁବିଧା ନହୁଏ । ସେଦିନ ବୁଢ଼ାବୁଢ଼ୀ ସେଥିପାଇଁ ପ୍ରସ୍ତୁତ ହେଇଥାଆନ୍ତି । ବୁଢ଼ା ଭଦ୍ର ବ୍ୟକ୍ତିମାନଙ୍କୁ ଘରକୁ ପାଛୋଟି ଆଣିବାଠାରୁ ଖିଆପିଆ ଓ ପରଶିବା ଆଦି ସବୁକାମ କରୁଥାଏ । ବୁଢ଼ୀ ମଧ୍ୟ ବାସନକୁସନ ଉଠାଇବା ଓ ଧୋଇବା ଆଦି କାମକରି ହାଲିଆ ହୋଇପଡ଼ନ୍ତି । ଗଲାବେଳେ ରାନୁର ବନ୍ଧୁ ସନ୍ଦିପ୍‌ବାବୁ ପଚାରିଲେ- ଆଃ ରାନୁ ! ଭାରି ଭଲ ଆୟୋଜନ କରିଛ ? ସବୁଠାରୁ ଆହୁରି ଭଲକଥା ଏ ବୁଢ଼ାବୁଢ଼ୀ ଦି' ଜଣ । ଏମାନଙ୍କୁ କେଉଁଠୁ ଯୋଗାଡ଼ କଲ ? ରାନୁ ଉତ୍ତର ଦେଇ କହିଲା- ଏମାନେ ରମେଶଙ୍କ ଗାଁ ଲୋକ ଭାରି ଦୁଃଖୀ ମଣିଷ । ଭୋକ ଉପାସରେ ଗାଁରେ ପଡ଼ିଥିଲେ । ରମେଶ ଗାଁକୁ ଯାଇଥିଲେ ଯେ- ଏମାନେ ତାଙ୍କ ପାଖରେ କାନ୍ଦିଲେ । ରମେଶ ସେମାନଙ୍କ ଦୁଃଖ ସହିନପାରି ତାଙ୍କୁ ସାଙ୍ଗରେ ନେଇଆସିଛନ୍ତି । ସେଇଦିନୁ ସେମାନେ ଆମ ଘରେ ଅଛନ୍ତି । ଆମେ ଘରେ ଆଉ ଅଲଗା ଚାକର କାହିଁକି ରଖିବୁ ? ସେମାନେ ତ ସବୁ କାମ କରି ଦେଉଛନ୍ତି । ସନ୍ଦିପ୍ ବାବୁ କହିଲେ - ଭାରି ଭଲ କରିଚ । ଏମିତିକା ଲୋକ ଦି'ଜଣ ମୋ ପାଇଁ ବୁଝିଦିଅନ୍ତ ନି ? ରାନୁ କହିଲା- ହଉ ଦେଖିବା । ବୁଢ଼ାବୁଢ଼ୀ କିଛି ଦୂରରେ ଠିଆ ହୋଇ ବୋହୂର କଥା ସବୁ ଶୁଣୁଥିଲେ । ଅରୁନ୍ଧତୀ କାନ୍ଦି ଉଠିଲେ । ରବି ତାଙ୍କ ପାଟିରେ ହାତଦେଇ କହିଲେ - ତମେ ଜମା କାନ୍ଦନା । ତମେ କାନ୍ଦୁଚ ବୋଲି ଯଦି ସେମାନେ ଜାଣିବେ, ତେବେ ଆହୁରି ବିପଦ । ତମେ ପ୍ରସ୍ତୁତ ହୋଇଯାଅ । କାଲି ରାତିରୁ ଆମେ ଏମାନଙ୍କ ଘରୁ ପଳାଇଯିବା । କ'ଣ ଗାଁକୁ ଯିବା ? ରବି ଉତ୍ତର ଦେଲେ - ଗାଁରେ ଆଉ କ'ଣ ଅଛି ଯେ ଯିବା ? ପାଦ ଯୁଆଡ଼କୁ ଯିବ ଆମେ ସିଆଡ଼କୁ ଯିବା । ଆମ ପାଇଁ ବରଗଛ ଛାଇ ଅଛି । ଯିଏ ଜନ୍ମ ଦେଇଛି, ସିଏ ନିଶ୍ଚେ ଆଶ୍ରା ଦେବ ।

ସାରସ୍ୱତ କେଳିକୁଞ୍ଜ, ରାହାଣିଆଁ

୦୦୦୦

# ଧକଡ଼ର ବନ୍ଦର ଦେଖା

**ଶ୍ରୀନିବାସ ସାହୁ**

ଭୋରୁ ଭୋରୁ ଟିକେ ପିଇଦେଇ "ଧକଡ଼" ବସିପଡ଼ିଲା ଶକ୍ତିଶ୍ୱରବାବାଙ୍କ ପିଣ୍ଡି ଉପରେ । ସବୁଦିନ ପରି ଶକ୍ତିଶ୍ୱର ଚିଲମ୍ ସଂଘର ସଭ୍ୟମାନଙ୍କର ଆଗମନ ହେଲା । ପୂରା କୋରମ ନ ହେଲେ ବି ଯେତିକି ଉପସ୍ଥିତ ହେଲେ କାଳ ବିଳମ୍ବ ନକରି ଚିଲମ୍ ସେବା ଆରମ୍ଭ ହୋଇଗଲା । ଧକଡ଼ର ବାବା ଶକ୍ତିଶ୍ୱରଙ୍କ ପ୍ରତି ବିଶେଷ ଭକ୍ତି ଥିବା ଯୋଗୁଁ ପ୍ରଥମ ଚିଲମ ସେବା ତା ଠାରୁ ଆରମ୍ଭ ହୋଇଥାଏ । ଧକଡ଼ ମଧ୍ୟ ସଭ୍ୟମାନଙ୍କର ସ୍ନେହ ଶ୍ରଦ୍ଧାକୁ ସମ୍ମାନ ଦେଇ ସ୍ୱଢ଼ଙ୍ଗରେ ଦୀର୍ଘ ଫୁଙ୍କ ଦେଇ ଚିଲମ୍ ସେବା ଅନୁକୂଳ କରିଦେଲା । ନାଲିପାଣି ସାଙ୍ଗକୁ ଚିଲମ ସେବା ପରେ ପରେ ଧକଡ଼ ଚାଲିଗଲା ଅନ୍ୟ ରାଜ୍ୟକୁ । ବାହାରି ପଡ଼ିଲା ଅଟ୍ଟହାସ୍ୟ ସମ୍ବଳିତ ଡାଇଲଗ୍ - ହିଁ ହିଁ ଅର୍ଜୁନ ମୁଁ ଜାଣୁଛି ତୁ ମହାଯୋଦ୍ଧା, ହେଲେ କ'ଣ ହେବରେ ଯଦି କୃଷ୍ଣ ନଥାନ୍ତା ତୁ ଯୁଦ୍ଧରେ.....। (ଗୋଟିଏ ଗାଉଁଲି ଅସଭ ଭାଷା) । ଧକଡ଼ର ନିଶା ପ୍ରବଣତା ଏହି ପରି ବହୁତ ଡାଇଲଗମାନଙ୍କୁ ଜନ୍ମ ଦେଇଥାଏ । ଦେଖଣାହାରୀ ଆଉ ଉପସ୍ଥିତ ଲୋକମାନଙ୍କର ମନୋରଞ୍ଜନ ହୋଇଥାଏ । ଅଧିକ ଡାଇଲଗ୍ ପାଇଁ କିଛି ଲୋକ ହିଁ ହିଁ କହି ଉତ୍ସାହିତ କରନ୍ତି । ଆଉ ଉତ୍ସାହିତ ମାନେ ଯେତେବେଳେ ଆକ୍ରାନ୍ତ ହୁଅନ୍ତି ହସି ହସି ସ୍ଥାନ ପରିତ୍ୟାଗ କରନ୍ତି ।

ସକାଳ ପ୍ରାୟ ୮ଟା, ଶକ୍ତିଶ୍ୱର ଚିଲମ୍ ସଂଘର ସଭ୍ୟମାନେ ନିଜ ନିଜ କାର୍ଯ୍ୟରେ ବାହୁଡ଼ି ଗଲେଣି । ଧକଡ଼ ମଧ୍ୟ ଟିକେ ପ୍ରକୃତିସ୍ଥ ହୋଇ ଚୁପ୍ ଚାପ୍ ବସିଛି । ପହଞ୍ଚିଗଲା "ନରୁଆ" । "ନରୁଆ" ହେଉଛି ଆଜିକାଲି ପ୍ରଚଳିତ ରାଜନୀତିର ଗୋଟିଏ ଫିଜିସିୟାନ ସାମ୍ପୁଲ । ସେଥିପାଇଁ ନରୁଆର ଡିମାଣ୍ଡ ସବୁ ଦଳରେ ଥାଏ । ଧକଡ଼ ନରୁଆକୁ ଦେଖି କହିଲା କ'ଣ ବାପ ନିରୁଛା ଆସିଗଲ.... (ପୁଣି କିଛି ଅସଭ କଥା)

ନରୁଆ କହିଲା - "ଧକଡ଼ ଦାଦା ! ସବୁବେଳେ ତୁମର ଏହିପରି କଥା" ବୁଝାନାହିଁ ସୁଝାନାହିଁ ଖାଲି ଖରାପ ଭାଷା । ଧକଡ଼ ଟିକେ ନରମିଗଲା । କହିଲା - "ହଉ ବାପା ! କଣ କହୁଛ କହ !" ନରୁଆ କହିଲା - ଦାଦା ! ଆସନ୍ତା କାଲି ପାରାଦ୍ୱୀପ ଯିବାକୁ ହେବ । ଧକଡ଼ କହିଲା - ହଠାତ୍ କ'ଣ ପାରାଦ୍ୱୀପ ? କ'ଣ ଆମକୁ ବନ୍ଦର ବୁଲାଇବାକୁ ନେବୁକି ? ନରୁଆ କହିଲା - ନାଇଁ ଦାଦା ! ତମେ କ'ଣ ଜାଣିନୀ କାଲି ଆମ ଦଳର ମଉଡ଼ମଣି ଆଉ ଭାରତର ପ୍ରଧାନମନ୍ତ୍ରୀ ପାରାଦ୍ୱୀପ ଆସୁଛନ୍ତି । ଆମ ଦଳର କର୍ମୀ ସମାବେଶ ହେବ ସେଥିପାଇଁ ବହୁତ ଲୋକ ଦରକାର । ତମେ ଯିବାକୁ ପଡ଼ିବ ।" ଅଃ !

ଧକଡ଼ କହିଲା - "କୋଉ ଦଳର କଥା କହୁବେ ?" ନରୁଆ କହିଲା ଦାଦା ! ଫୁଲ ଦଳର । ଧକଡ଼ ଟିକେ ରାଗିଗଲା ସ୍ୱରରେ କହିଲା - ଆବେ ହେ ! ତୁ ପରା ଛଅମାସ ତଳେ ଶଙ୍ଖ ଦଳପାଇଁ ଆମକୁ ଭୁବନେଶ୍ୱର ନେଇକରି ଯାଇଥିଲୁ । ଯାହାତ ନାମ ଦେଲୁ ଛାଡ଼ । ଶ...

ବସ୍ ନେଇ ପଳାଇ ଆସିଲ ମୁଁ ଯାହା ହଇରାଣ ହେଇ ରାତିରେ ମଶା ଡାଆଁଶରେ ପଡ଼ି ସକାଳୁ ନିଜ ପଇସାରେ ଆସିଲି । ଆଉ ତୋ କଥାରେ ବିଶ୍ୱାସ କରିବାର ନାହିଁ । ନରୁଆ କହିଲା - ଦାଦ ! ତୁମକୁ ଖୋଜି ଖୋଜି ଦିନ ଚାରିଟାରୁ ରାତି ୮ଟା ହେଲା । ତମେ ତ ଦେଖାହେଲ ନାହିଁ । କ'ଣ ବା କରିଥାନ୍ତୁ ? ଧକଡ଼ କହିଲା - ସତରେ ନରୁ ! ତୋର କିଛି ଦୋଷ ନାହିଁ । ତୁ ବାଟରେ ଯେଉଁ ମାଲ୍‌ବୋତଲଟି ଦେଇଥିଲୁ ମୁଁ ତାକୁ ପକେଟରେ ରଖିଥିଲି । ମୁଖ୍ୟମନ୍ତ୍ରୀଙ୍କ ଭାଷଣର ଓଡ଼ିଆ କଥା ଶୁଣି ମୁଁ ଖୁସି ହୋଇ ଅଧାରୁ ଭିଡ଼ ଭିତରୁ ଚାଲି ଆସିଲି । ପାଖରେ ଗୋଟିଏ ଛୋଟିଆ ବଗିଚାଭଳି ଜାଗାଥିଲା । ବୋତଲଟି ସେଇଠି ସାରିଦେଲି । ବାପା କି ମାଲ୍ ଦେଇଥିଲୁ କେଜାଣି ଅଧଘଣ୍ଟା ଭିତରେ ନିଦ ଆସିଗଲା । ଉଠିଲାବେଳକୁ ପଚାରି ବୁଝିଲି ରାତି ବାରଟା । କ'ଣ ଆଉ କରିବି ପୁଣି ଫେରିଲି ସଭା ପେଣ୍ଡାଲକୁ । ଦେଖିଲି ଶ...୫୦/୬୦ ଟା ଅଧାଲଙ୍ଗଳା ମୁକୁଳା ହୋଇ ପଡି ଘୁଙ୍ଗୁଡ଼ି ମାରୁଛନ୍ତି । ପୁଣି ଶୋଇଗଲି । ସକାଳୁ ଆସିଲି । ହଉ ଏବେ କ'ଣ କହୁଛୁ କହ ।

ନରୁଆ କହିଲା - "ଦାଦା ! ଗତ ମାସରୁ ପାର୍ଟି ଚେଞ୍ଜ କରି ଦେଇଛି । ଫୁଲ ମାଟିରେ ଜଏନ୍ କରିଛି । ଆମ ପାର୍ଟିର ମଉଡମଣି ପ୍ରଧାନମନ୍ତ୍ରୀ କାଲି ପାରାଦ୍ୱୀପ ଆସିବେ ।

ଆମ ପଞ୍ଚାୟତରୁ ନିହାତି ଶହେଜଣ ଯିବାପାଇଁ ମୋ ଉପରେ ଦାୟିତ୍ୱ ଦେଇଛନ୍ତି । ତମକୁ ଟିକେ ଅଣ୍ଟା ଭିଡ଼ିବାକୁ ହେବ । ମୋ ସମ୍ମାନ ରହିବ ।"

ଧକଡ଼ ଟିକେ ଗୁମ୍ ହୋଇଗଲା । ଆରମ୍ଭ କଲା - "ଆରେ ସେ ମଉଡମଣି ଡାଇଲଗ୍ ରଖ ତୋ ପାଖରେ । ମାଲପାଣି ଆଉ ନାଲି ପାଣିର ବ୍ୟବସ୍ଥା କ'ଣ କହ ? ନରୁଆ କହିଲା ଦାଦା ! ସକାଳ ୯ରେ ବାହାରିବା । ୩ଟାରେ ଫେରି ଆସିବା । ରିଜର୍ଭ ଗାଡ଼ି । ଛୋଟ ଗାଡ଼ି ବହୁତ ଅଛି । ଶହେ ଟଙ୍କା ଦେବି ଆଉ ବାଟରେ ମଧ୍ୟାହ୍ନ ଭୋଜନ । ଧକଡ଼ କହିଲା - ଆଉ ନାଲିପାଣି ? ବାଟରେ ଖାଇବାର ବ୍ୟବସ୍ଥା କ'ଣ ? ଶାଗୁଆତୀ ନ ରାମପକ୍ଷି ?" ନରୁଆ କହିଲା ଦାଦା । ଆମେ ଶ୍ରୀରାମ ପାର୍ଟିଲୋକ । ନାଲିପାଣି ଆଉ ଆମିଷର ବ୍ୟବସ୍ଥା ନାହିଁ । ତେବେ ସାଧା ଉପରେ ଭଲ ବ୍ୟବସ୍ଥା ଅଛି । ଧକଡ଼ କହିଲା - ତେବେ ମାଲପାଣି ଆଉ ଟିକେ ବଢ଼ାଉନୁ । ଭୁବନେଶ୍ୱର ଗଲାବେଳକୁ ଦୁଇ ଦେଉଥିଲୁ ଏବେ କହୁଛୁ ଗୋଟାଏ । ନରୁଆ କହିଲା - ଦାଦା ! ସେତେବେଳେ ଆମେ ଥିଲୁ ପାର୍ଟିଇନ୍ ପାଓ୍ୱାର । ଏବେ ମୁଁ ବିରୋଧୀ ଦଳର ଅର୍ଗାନାଇଜେସନ୍ କରୁଛି । ଟିକେ ଧର୍ଯ୍ୟଧର । ପାଓ୍ୱାରଟା ଆସୁ । ଦୁଇ କ'ଣ ଚାରିଦେଇ ତମକୁ ନେବି । ଧକଡ଼ ଟିକେ ବିଗିଡ଼ିଗଲା ମୁଡରେ କହିଲା - ଆବେ ଦୁଇବର୍ଷ ତଳେ ଭୋଟବେଳେ ଆମକୁ ହାତପାର୍ଟିରେ ନେଇଥିଲୁ । ଛଅମାସ ତଳେ ଶଙ୍ଖ ପାର୍ଟିରେ ନେଲୁ । ଏବେ ନେଲୁ ଫୁଲପାର୍ଟିରେ । ତୋର ତ ଗୋଠ ଠିକ୍ ନାହିଁ । ନରୁ ଧକଡ଼ର ହାତ ଧରି ପକାଇଲା । କହଲା ଦାଦା ! ତମେ ଆଉ ଆଗପଛ କଥା କୁହନା । ଏବେ ଯାହା ହେଉଛି ମୋ ମାନ୍ ସମ୍ମାନ ଟିକେ ରଖ

ଧକଡ ମଧ୍ୟ ଟିକେ ନରମିଗଲା । କହିଲା - ହଉ ବାପ ପୁଅ ଭିତରେ ମୁଁ ତୋ କଥା ଧରୁନି । ତେବେ ତୁ ଆମ ସଂଘ ଭାଇମାନଙ୍କ ପାଇଁ ଗୋଟିଏ ବୋଲେରଗାଡ଼ି ଦେଇଦେବୁ । ଆମେ ୧୪ଜଣ ଅଛୁ । ଆମେ ଆମର ଆଡଜଷ୍ଟ ହୋଇ ଚାଲିଯିବୁ । ଆଉ ବାପା ! ସେ ଜିନିଷ ନ ହେଲା ନାହିଁ ଶକ୍ତିଶ୍ୱରଙ୍କ ଭୋଗ ଲାଗି ଭରିଏ ଖଣ୍ଡେ କଲିମାଲ ଦେବୁ । ନରୁଆ ସମ୍ମତି ପ୍ରକାଶ କରି ପ୍ରସ୍ଥାନ କଲା ।

ପରଦିନ ସକାଳୁ ନରୁଆ ଶକ୍ତିଶ୍ୱର ପିଣ୍ଡିରେ ପହଞ୍ଚି ଗଲା । ହାତରେ ଫୁଲ ମାର୍କା ୧୪ଖଣ୍ଡ ମୁଣ୍ଡରେ ବନ୍ଧା ପଟି ଆଉ ଦେହରେ ପକାଇବାକୁ ଫୁଲମାର୍କା ୧୪ଟି ଓଡା । ଗୋଟିଏ ବଡ଼ ପତାକା ଆଉ ଗାଡ଼ିପାଇଁ ବ୍ୟାନରଟି । ଟିକେ ଦୂରରେ ରହି ଧକଡ଼କୁ ଇସାରା କଲା । ଇସାରା ପାଇ ଧକଡ଼ ଆସିଗଲା । ଦୁଇଜଣ ଚାଲିଗଲେ ଗୋଟିଏ ନିଭୃତ ସ୍ଥାନକୁ । ନରୁ ପକେଟରୁ ନୋଟ୍ ବଣ୍ଡଲଟି ବାହାର କରି ଶହେଟଙ୍କିଆ ୧୫ଟି ଗଣି ଧକଡ଼ ହାତରେ ଧରାଇଦେଇ କହିଲା - ଦାଦା ! ତମ ଚଉଦ ଜଣଙ୍କ ୧୪ ଆଉ ଗୋଟିଏ ତୁମ ଶକ୍ତିଶ୍ୱର ଭୋଗ ବାବଦରେ । ରବି ଡ୍ରାଇଭର ବୋଲେର ନେଇ ଠିକ୍ ୯ଟାରେ ପହଞ୍ଚିବ । ବାଟରେ ମାର୍ଶାଘାଇ ଛକ ପରେ ପରେ ଆମର ଫୁଲକେନ୍ଦ୍ରରେ ଖାଇନେବ । ସେଠି ବଡ଼ ଗେଟ୍ ହୋଇଥିବ । ସବୁ ତମ ଦାୟିତ୍ୱ । ଲକ୍ଷ ଲକ୍ଷ ଲୋକରେ ମୋ ଦେଖା ହୋଇନପାରେ । ସବୁ ଜିନିଷ ପତ୍ର ଆଉ ନୋଟ ଧରି ଧକଡ଼ କହିଲା - ଆମ ପଞ୍ଚାୟତର ଆଉ ସବୁ ଗାଡ଼ି କେତେବେଳେ ଯିବ ? ନରୁ କହିଲା - "ଦାଦା ! ତୁମେ ତମ ଲୋକ ଆଉ ତୁମ ଗାଡ଼ି କଥା ବୁଝ । କାଲି ରାତିରୁ ବଡ଼ ଟକ୍କର ଦେଇଛନ୍ତି ଶଙ୍ଖବାଲା । ସବୁ ଦାମ୍ ବଢ଼ାଇ ଦେଇ ମୋତେ ବହୁତ ଅଙ୍କଲିରେ ପକାଇ ସାରିଲେଣି । ଆମ ବ୍ୟାନରରେ ଅମରେଶ୍ୱର ପଞ୍ଚାୟତ ଲେଖା ହୋଇଛି । ଯଦି କିଏ ବଡ଼ ବଡ଼ିଆ ଲୋକ ପଚାରନ୍ତି କହିବ ୧୦/୧୨ଖଣ୍ଡ ଗାଡ଼ି ଆସିଛି । ଏହାକହି ନରୁଆ ପ୍ରସ୍ଥାନ କଲା । ଧକଡ଼ ମଧ୍ୟ ଫେରି ଆସି ଚିଲମ୍ ସଂଘ ଭାଇମାନଙ୍କ ମଧ୍ୟରେ ଅର୍ଥର ସୁଷମ ବଣ୍ଟନ କରି ଦେଇ ଶୀଘ୍ରଶୀଘ୍ର ନିତ୍ୟକର୍ମ ସାରି ଆସିବାକୁ ନିର୍ଦ୍ଦେଶ ଦେଇ ଗୃହାଭିମୁଖେ ଚାଲିଲା ।

ଠିକ୍ ସମୟରେ ଟିକେ ବିଳମ୍ବରେ ଗାଡ଼ି ଛାଡ଼ିଲା ।ବାଟରେ ଧକଡ଼ ସବଜାନତା ବ୍ୟକ୍ତିଟି ଭଳି ସ୍ଲୋଗାନ୍ ଦେଉଥାଏ । ଧକଡ଼ର ନିର୍ଦ୍ଦେଶ ଅନୁସାରେ ରବି ଡ୍ରାଇଭର ମାର୍ଶାଘାଇ ପରେ ପରେ ଥିବା "ଫୁଲ ପାର୍ଟି ଖାଦ୍ୟ କେନ୍ଦ୍ର"ରେ ଗାଡ଼ି ସାଇଡ୍ କଲା । ଗାଡ଼ି ରଖିବାବି କାଠିକରା ପାଠ । ଶହ ଶହ ଗାଡ଼ି । ହଜାର ହଜାର ଲୋକ । ଗୋଟିଏ ବଡ଼ ଯାତ୍ରାଭଳି ଜନ ସମାଗମ । ଭିତରକୁ ଯିବାବି କାଠିକର ପାଠ । ତା' ଭିତରୁ କିଛି ଲୋକଙ୍କର ଉତ୍ତେଜିତ, ଅଭଦ୍ର ଭାଷା ମିଶ୍ରିତ ସ୍ୱର- "ଭାତ, ଡାଲମା ଟିକେ ପାଇଁ ଦମ୍ ନାହିଁ । ଶଙ୍ଖପାଟି ବାଲାଙ୍କର ଅରୁଆଭାତ, ଡାଲି, ଚିକେନ୍ ତରକାରୀ ।'' ଆଉ ଦଳେ ଦରଦି ବନ୍ଧୁଙ୍କ ସ୍ୱର - "ଭାଇ କ'ଣ କରାଯିବ ? ଲୋକ ପ୍ରବଳ ହୋଇଗଲେ । ଲୋକାଲ୍ ଲୋକ ପିଲାଛୁଆ ମାଇପେ ସହିତେ ପଶି ଯାଉଛନ୍ତି । ଯାହା ହେଉ ଠେଲାପେଲା ମଧ୍ୟରେ ଟିକେ ଖାଇଦେଇ ପୁଣି ଗାଡ଼ିରେ ବସି ବାହାରିଲେ । କିଛି ବାଟ

ଯାଇଛନ୍ତି କି ନାହିଁ ଗାଡ଼ି ଗୁଡ଼ିକ ଜନ୍ଦା ପିମ୍ପୁଡ଼ି ପରି ଧାଡ଼ି । ରବି ଡ୍ରାଇଭର ଗଲା ଦେଖିବାକୁ । ଫେରିଲା ୧୦/୧୫ମିନିଟ୍ ପରେ । ହାତରେ ଗୋଟିଏ ଚକ୍‌ଚକିଆ ନିଳ ରଙ୍ଗର ଗଞ୍ଜି । କହିଲା - "ଶଙ୍ଖପାର୍ଟି ତରଫରୁ ଗଞ୍ଜି ବଣ୍ଟାଯାଉଛି ।" ଧକଡ଼ ଗଞ୍ଜିଟିକୁ ରବି ଠାରୁ ଆଣି ପରୀକ୍ଷା କରି କହିଲା - "ଟଙ୍କା ଦେଢ଼ଶହରୁ କମ୍ ହେବନି ।" ମନି ଭିତରେ ବି ଟିକିଏ ଲୋଭ ଆସିଲା । ପଚାରିଲା ରବିକୁ - "କ'ଣ ସମସ୍ତଙ୍କୁ ଦେଉଛନ୍ତି ?" ରବି କହିଲା - "ଗଦା ହୋଇଛି । ହେଲେ ଭିଡ଼ରେ ପଶି ଆଣିବାକୁ ହେବ ।" ଧକଡ଼ ସଂଘ ଭାଇମାନଙ୍କୁ ସୁଯୋଗ ନେବାକୁ ମଧ୍ୟ ଆଦେଶ ଦେଲା । ଧକଡ଼ର ସୁଚତୁର ଆଉ ଓ ଅନୁଭବି ଆଦେଶକୁ ଗ୍ରହଣ କରି ଫୁଲମାର୍କା ପଟି ଆଉ ଓଡା ଖୋଲି ସମସ୍ତେ ଧକଡ଼ର ବ୍ୟାଗରେ ରଖିଦେଲେ । ପରିଶ୍ରମ ବୃଥା ହେଲା ନାହିଁ । ସମସ୍ତେ ଗଞ୍ଜିନେଇ ଫେରିଲେ । ଚିନ୍ତା ପଡ଼ିଲା ଏବେ କ'ଣ ହେବ ? ଫୁଲାମାର୍କା ହେବ ନା ଶଙ୍ଖ ମାର୍କା । ଯୁକ୍ତି ତର୍କ ହେଲା । ଧକଡ଼ କହିଲା ଦେଖ ଭାଇ ! ନରୁଆ ଦେଇଛି ଶହେ । ଶଙ୍ଖ ମାର୍କା ଗଞ୍ଜି ହେବ ଦେଢ଼ଶହ । ଆମେ ଶକ୍ତିଶ୍ୱର ପ୍ରଭୁଙ୍କ ଭକ୍ତ । ନିମକ ହାରାମ ହେବା ନାହିଁ । ତା'ପରେ ଆମରତ ସବୁ ଦଳମାନଙ୍କ ସହିତ ମଧୁର ସମ୍ପର୍କ । ସାତଜଣ ନିଳଗଞ୍ଜି ପିନ୍ଧି ଆଉ ୭ଜଣ ଫୁଲ ଚାଦର ଆଉ ପଟି ବାନ୍ଧ । ତା'ପରେ ଖବର କାଗଜରେ ତ ବାହାରୁଛି କେନ୍ଦ୍ରର ତେରଛା ନଜର ଆମ ଶଙ୍ଖ ସରକର ଉପରେ ଅଛି । କିନ୍ତୁ ପ୍ରଦେଶର ନେତା ନାଲି ଆଖି ଦେଖାଉଛନ୍ତି । ଜଣେ କହିଲା - "ଧକଡ଼ ଦାଦା ! କିଛି ରିସ୍କ ନାହିଁ ତ ? ଧକଡ଼ କହିଲା - "ଆବେ କ'ଣ ରିସ୍କ ? ଆମେ କାହିଁକି ସଭାକୁ ଯିବା ? ତା'ପରେ ରବି ଡ୍ରାଇଭର ଉଦ୍ଦେଶ୍ୟରେ କହିଲା - "ରବି ତୁ ଆମକୁ ସେ ତେଲ ସଫା ଯାଗାକୁ ନନେଇ ସଟ୍‌କଟ୍ ବାଟରେ ପାରାଦ୍ୱୀପ୍ ବନ୍ଦର ଯେଉଁଠି ଜାହାଜ ଫାହାଜ ଦେଖିହେବ ସେଇଠିକୁ ନେଇ ଚାଲ୍ ।" ପୁଣି ଗୋବିନ୍ଦା ଉଦ୍ଦେଶ୍ୟ କହିଲା - " ଆବେ ଗୋବିନ୍ଦା ! ପୁଡ଼ିଆ ବାହାର କର ।" ଏହା କହି ସଂଘର ସବୁ ସଭ୍ୟ ପାଖ ବିଲ ଭିତରକୁ ଚାଲିଗଲେ ।

ଅସୁରେଶ୍ୱର, କଟକ

୦୦୦

# ଭକ୍ତି ମାତା

କଳ୍ପନା ମହାନ୍ତି

ଏ ବିଶ୍ୱ ବ୍ରହ୍ମାଣ୍ଡରେ ଯେତେ ଜୀବନକୁ ପଶୁ ପକ୍ଷୀ ଠାରୁ ଆରମ୍ଭ କରି ମାନବ ଜାତି ଯାଏ ସମସ୍ତେ 'ସାଇ' ବାବାଙ୍କ ସନ୍ତାନ । ବାବା ସଦା ସର୍ବଦା କୁହନ୍ତି ପ୍ରତ୍ୟେକଙ୍କ ଶରୀରରେ ଏକ ଆତ୍ମା ଅଛି ଏବଂ ଏହି ଆତ୍ମା ହେଉଛି ବ୍ରହ୍ମ । ସ୍ୱୟଂ ଭଗବାନ । ତେଣୁ ସମସ୍ତଙ୍କୁ ସମାନ ମଣିବା ଆମର ପ୍ରଥମ କର୍ତ୍ତବ୍ୟ । ସେମିତି ସମସ୍ତେ କୁକୁରଙ୍କୁ ଘୃଣା କରୁଥିଲା ବେଳେ ସାଇ ବାବା କୁକୁରକୁ ଅତି ସ୍ନେହ କରନ୍ତି । ସେହି କୁକୁର ଉପରେ ଏକ କିମ୍ବଦନ୍ତୀ ରହିଛି । ତାହା ହେଲା ନଦୀଆ ନବଦୀପରେ ଯେଉଁ ମଠ ଅଛି ।

ସେଠି ଜଣେ ମହାରାଜ ଥିଲେ ମଠ ମହନ୍ତ । ଯାହାଙ୍କୁ ଆମେ ଏବେ ଅଷ୍ଟ ପ୍ରହରୀରେ ତାଙ୍କ ଫଟ ପୂଜା କରୁଛନ୍ତି । ତାଙ୍କ ନାମ ବଡବାବା । ସେହି ମଠରେ ଅନେକ ବାବାଜୀ ରହୁଥିଲେ । ସେମାନଙ୍କ ସହିତ ଗୋଟିଏ ମାଈ କୁକୁର ରହୁଥିଲା । ସେହି ମଠର ମହନ୍ତ ଯାହାକୁ ଆମେ ବଡ଼ ବାବା ବୋଲି ସମ୍ବୋଧନ କରୁଛୁ । ସେ ଶ୍ରଦ୍ଧାରେ କୁକୁରଟିର ନାମ ଦେଇଥିଲେ ଭକ୍ତିମାତା । କୁକୁରଟି ପ୍ରତିଦିନ ବାବାଜୀମାନଙ୍କ ସହିତ ନାମ କୀର୍ତ୍ତନ କରିବା ଖାଇବା, ମଠ ଜଗିବାରେ ଥାଏ । ଏମିତି କିଛି ଦିନ ଗଲାପରେ କୁକୁରର ବୟସ ଅନୁସାରେ ସେ ବୃଦ୍ଧା ହେଲା । ତାପରେ ସେ ଦିନେ ମରିଗଲା । ବାବାଜୀମାନେ ଯାଇ ମହନ୍ତଙ୍କୁ କହିଲେ, ମହାରାଜ, ଭକ୍ତିମାତା ମରିଗଲା । ବାବା କହିଲେ, ତୁମେମାନେ ତାକୁ ନେଇ ଯଥା ବିଧିରେ ଭକ୍ତି ମାତାକୁ ସମାଧି ଦିଅ । ସେଇଅ ହେଲା । ତାପରେ ବାବା କହିଲେ, ଆମେ ଯେମିତି ସବୁ ବାବାଜୀମାନଙ୍କର ଦେହ ଛାଡ଼ିବା ପରେ ଏକୋଇଶା କରୁଛେ, ସେହିପରି ଭକ୍ତିମାତାର ମଧ୍ୟ ଏକୋଇଶା ହେବ ।

ବାବାଜୀମାନେ ନିଜ ନିଜ ଭିତରେ କଥା ହେଲେ । ବାବା କ'ଣ ପାଗଳ ହୋଇଗଲେ ଯେ ଏପରି

କହୁଛନ୍ତି ? ୨୦ଦିନ ଗତ ହେଲା । ୨୧ ଦିନ ବାବା କହିଲେ ଆଜି ଭୋଜିଭାତ ହେବ । ତୁମେମାନେ ସମସ୍ତେ ପ୍ରତି ମଠରେ ଯାଇ ବାବାଜୀମାନଙ୍କୁ ନିମନ୍ତ୍ରଣ କରିଆସିବ ଆଉ କହିବ, ବଡ଼ବାବା କହିଛନ୍ତି ଆଜି ଭକ୍ତିମାତାର ଏକୋଇଶା ସମସ୍ତଙ୍କୁ ନିମନ୍ତ୍ରଣ ରହିଲା । ସମସ୍ତେ ଭୋଜି ଖାଇବାକୁ ଯିବେ । ତା'ପରେ ବାବାଜୀମାନେ ଗଲେ ଏବଂ ସବୁ ମଠରେ ସେମିତି କହିଲେ । ହେଲେ ସମସ୍ତେ କୁକୁରର ଏକୋଇଶା କଥା ଶୁଣି ମନା କଲେ । ବାବାଜୀମାନେ ଫେରିବାବାଙ୍କୁ କହିଲେ ? ଆଜ୍ଞା ସବୁ ମଠରେ ବାବାଜୀମାନେ ଆସିବାକୁ ମନ କଲେ । ତା ପରେ ବଡ଼ବାବା କହିଲେ ଏବେ ତୁମେମାନେ ଯାଅ ଯେତେ କୁକୁର ଅଛନ୍ତି ସମସ୍ତଙ୍କୁ ବିନମ୍ର ସହିତ ହାତ ଯୋଡ଼ି ଭକ୍ତିମାତାର ଭୋଜିକୁ ଆସିବାକୁ କହିବ, ଆମର ଏଇ ନଦୀଆ ମଠକୁ ।

ବାବାଜୀମାନେ ଆଶ୍ଚର୍ଯ୍ୟ ହୋଇ କହିଲେ, ବାବା କୁକୁରମାନେ କ'ଣ ଆସିବେ ? ବାବା କହିଲେ ମୁଁ ତ କହୁଛି, ତୁମେ ନିମନ୍ତ୍ରଣ କରି ଆସ । ବାବାଜୀ ମାନେ ଗଲେ ଏବଂ ପ୍ରଥମେ ଗୋଟେ ମୋଟା କୁକୁରକୁ ଦେଖିଲେ । ଆଉ ତାକୁ ହାତଯୋଡ଼ି ସବୁ କହିଲେ । କୁକୁର ମହାଶୟ ଆମ ଭକ୍ତି ମାତାର ଆଜି ଏକୋଇଶା ଆସିବେ ଏବଂ ଭୋଜିଖାଇ ଯିବେ । ଆପଣ ଆପଣଙ୍କ ଦଳବଳ ନେଇ ଆମ ନଦୀଆ ମଠକୁ ଆସିବେ । ଏମିତି ଯେତେ କୁକୁର ଦେଖିଲେ ସମସ୍ତଙ୍କୁ କହି ଆସିଲେ । ବାବା ପଚାରିଲେ, କ'ଣ କହି ଆସିଲ ? ଆଜ୍ଞା ହଁ ବାବାଜୀମାନେ କହିଲେ, ଭୋଜି ଭାତ ହେଲା, ଠିକ୍ ସମୟରେ କୁକୁରମାନେ ଆସିଲେ, ଗେଟ ପାଖରେ ବାବାଜୀମାନେ ସସମ୍ମାନରେ ଭିତରକୁ ଆସି ଆସନ ଗ୍ରହଣ କଲେ ତାପରେ ପତର ପଡିଲା । ପାଣି ଛିଞ୍ଚା ହେଲା । ସମସ୍ତ ଖାଦ୍ୟ ପରସା ହେଲା । କୁକୁରମାନେ ହାତ ଉପରେ ହାତ ପକାଇ ବସିଥାନ୍ତି । ତାପରେ ବଡ଼ବାବା ତଳକୁ ଆସି ହରିବୋଲ ଦେଲେ ଏବଂ କହିଲେ, ଭୋଜନ କରନ୍ତୁ । କୁକୁରମାନେ ଶାନ୍ତି ଶୃଙ୍ଖଳାରେ ପେଟ ପୂରାଇ ଖାଇ ଗଲେ । ବାବା କହିଲେ ଦେଖ ଆହୁରି କୁକୁର ଆସିବେ । ସତକୁ ସତ ଆହୁରି କୁକୁର ଆସିଲେ ଏବଂ ସେମାନେ ଖାଇକରି ଗଲେ । ତାପରେ ବଡ଼ ବାବା ତଳକୁ ଆସି କହିଲେ ଆରେପିଲେ ସବୁ କୁକୁର ଖାଇଲେ ? ଏତିକି ବେଳେ ସେହି ମୋଟା କୁକୁର ଆଉ ୩ଜଣ କୁକୁର ଧରି ଆସି ପହଞ୍ଚିଲା । ବାବା- କହିଲେ ଶିଷ୍ୟମାନଙ୍କୁ, ଏମାନଙ୍କୁ ଖାଇବାକୁ ଦିଅ, ଶିଷ୍ୟମାନେ ଆଣି ଖାଇବାକୁ ଦେଲେ ଯେମିତି ସେମାନେ ଖାଇ ସାରିଛନ୍ତି, ବଡ଼ବାବା ଯାଇ ସେହି ମୋଟା କୁକୁର ପତରରୁ ଟିକେ ଅଇଁଠା ପ୍ରସାଦ ଆଣି ଖାଇଲେ, ଏହା ଦେଖି ସବୁ ବାବାଜୀମାନେ ମଧ ଖାଇଲେ । ତାପରେ ବାବାଜୀମାନେ ମଧ ବଡ଼ବାବା (ମହନ୍ତ)ଙ୍କୁ ପଚାରିଲେ ? ଆଜ୍ଞା ଆପଣ କ'ଣ ସେ କୁକୁର ଅଇଁଠା ଖାଇଲେ । ବାବା କହିଲେ, ଆରେ ତୁମେମାନେ ଯାହାକୁ କୁକୁର କହୁଛ ସେ କ'ଣ କୁକୁର ଥିଲେ, ନା ସେମାନେ ସମସ୍ତେ ହେଉଛନ୍ତି ଦେହ ଛାଡିଥିବା ଜଣେ ଜଣେ ମହାପୁରୁଷ । ଯେଉଁମାନେ ଅବିକା ଏ ମର୍ତ୍ତ୍ୟରେ ନାହାଁନ୍ତି । ସେହିମାନେ ସମସ୍ତେ କୁକୁର ଦେହରେ ଆସି ଖାଇକରି ଗଲେ । ସେମାନେ କ'ଣ ପିଣ୍ଡପାଣି ପାଉଛନ୍ତି ? ନା ତେଣୁ ଆମେ ବାବାଜୀମାନଙ୍କୁ ଡାକିଲେ ସେମାନେ ଆସିଲେନି । କିନ୍ତୁ କୁକୁରମାନେ ଆସିଲେ ଯାହାଦ୍ୱାରା ପ୍ରତି ମଠରୁ ଦେହଛାଡି ଥିବା ମହାପୁରୁଷ ଆସିଲେ କୁକୁର ଦେହରେ ।

ଆଉ ଶେଷରେ ଯେଉଁ ମୋଟା କୁକୁର ଆସିଥିଲା, ସେ କୁକୁର ଦେହରେ ଆମର ଏମଠର ସବୁଠୁ ଯେ ବଡ଼ ମହନ୍ତ ଥିଲେ, ସେ ସେହି କୁକୁର ଦେହରେ ଆସିଥିଲେ । ତେଣୁ ମୁଁ ତାଙ୍କ ଉଚ୍ଛିଷ୍ଟ ପ୍ରସାଦ ରୂପେ ପାଇଲି । ତାପରେ ସମସ୍ତେ ଖୁସି ହୋଇ ଏକାଠି ବସି ଆନନ୍ଦରେ ଭୋଜନ କଲେ । ତେଣୁ ଆମେ ସମସ୍ତେ ପ୍ରତ୍ୟେକ ଜୀବମାନଙ୍କୁ ସମ ଦୃଷ୍ଟିରେ ଦେଖିବା ଏବଂ କୁକୁରକୁ ସାଇନାଥ ଯେପରି ସ୍ନେହ କରୁଛନ୍ତି ଆମେ ସେହିପରି ସ୍ନେହ କରିବା । ଜୟ ସାଇରାମ, ଜୟ ସାଇନାଥ, ଜୟ ସାଇନାଥ - ଚରଣାଶ୍ରିତ ।

ଚାନ୍ଦୋଳ, କେନ୍ଦ୍ରାପଡ଼ା

୦୦୦୦

# ରାଜିଆ ବୁଢ଼ା ଓ ତା ସ୍ତ୍ରୀର କଥା

ଚୂଡ଼ାମଣି ପାଣିଗ୍ରାହୀ

ଭରପୂର ସଂସାର । ଅତି ପିଲାଦିନେ ଅର୍ଥାତ ନଅ ଦଶ ବର୍ଷ ବୟସରେ ବାପା ମାଆ ବିବାହ କରି ଦେଲେ । କାରଣ ସେତେବେଳେ ବାଲ୍ୟ ବିବାହ ପ୍ରଚଳିତ ଥିଲା । ଆଠ, ନଅ ବର୍ଷର ସ୍ତ୍ରୀ ସେତେବେଳେ ବିବାହ ବେଦିରେ ବସିବା ସମୟରେ କେମିତି କେମିତି ଲାଗୁଥିଲା । ବରଯାତ୍ରୀ ବଳଦ ଗାଡ଼ିରେ ଯାଇ ବିବାହ କରି ଭୋଜି ଖାଇ ସମସ୍ତେ ଫେରିଥିଲେ । ବରଯାତ୍ରୀ ଦଳରେ ଦଶ ବାରଟି ଗାଡ଼ି ଓ ପ୍ରାୟ ପଚାଶ ଲୋକ ବରଯାତ୍ରୀ ଦଳରେ ସାମିଲ ହେଉଥିଲେ । ସାତ ଆଠ ବର୍ଷେ ବୋହୂ ପାଇଁ ଉପଯୁକ୍ତ ହେବାପରେ ତାଙ୍କୁ ଘରକୁ ଆଣି ଚଉଠି କର୍ମ କରି ଘରେ ରଖିଲେ । ରାଜିଆ ବୁଢ଼ାଙ୍କ ହସଖୁସୀର ସଂସାର ଝିଅଟିଏ ଜନ୍ମ ନେଲାପରେ ହସି ଉଠିଲା । ବାପାଙ୍କ ସାଙ୍ଗରେ ବିଲକୁ ଯାଇ ଚାଷ କାର୍ଯ୍ୟକରନ୍ତି । ଅପରାହ୍ନରେ ଝିଅକୁ କୋଳରେ କାଖେଇ ଗେଲ କରନ୍ତି । ଏମିତି ତିନ ବର୍ଷ ବ୍ୟବଧାନରେ ଦୁଇ ପୁଅଙ୍କ ଜନ୍ମ ତାଙ୍କ ଘର ତିନି ଭାଇ ଭଉଣୀରେ ପୂରି ଉଠିଲା । କେତେ ଆଶା ଭରସାରେ ତିନିଙ୍କୁ ପାଳି ପୋଷି ମଣିଷ କଲେ । ବିଲରେ ମୁଣ୍ଡ ଝାଳ ତୁଣ୍ଡରେ ମାରି କଠୋର ପରିଶ୍ରମ କରି ଚାଷ କରି ଘର ସଂସାର ଚଳାଇଲେ । ଝିଅ ପୁଅଙ୍କୁ ଘରକୁ ଆସି ଗେଲ କଲେ ସମସ୍ତ ପରିଶ୍ରମ ଲାଘବ ହୋଇଯାଏ । ଧନ୍ୟରେ ବନ୍ଧନ, ଧନ୍ୟରେ ସଂସାର, ଏଇ କଅଁଳା ପିଲା ଦ୍ୱୟ ମଣିଷ ହୋଇ ବାବା ମାଙ୍କୁ ଯେ ଆଡ ଆଖିରେ ଦେଖିବେ ନାହିଁ ନିଜ ନବାଗତ ସ୍ତ୍ରୀଙ୍କ କଥାରେ ପଡ଼ି ସେ କଥା କିଏ ବା କଳ୍ପନା କରି ପାରିବ ? ପୁଅ ପିଲା ବିବାହ ନ କରିବା ପର୍ଯ୍ୟନ୍ତ ମାର କଥାରେ ଚଳେ । ବିବାହ ପରେ ସେ ପୁରାପୁରି ସ୍ତ୍ରୀର ହୋଇଯାଏ । ତା କଥା ମାନି ଚଳେ । ଭଲ କି ବା ମନ୍ଦ ଏ କଥା କେବେ ବିଚାର କରି ନଥାଏ । କାରଣ ବିଚାର କଲେ ସ୍ତ୍ରୀ ରାଗିବ, ଅଭିମାନ କରିବ, କଳି ଝଗଡ଼ା କରିବ । ଏଣୁ ସେଇ ସ୍ତ୍ରୀର ବାକ୍ୟ, ତାଗିଦ ସବୁ ମାନିବାକୁ ସେ ବାଧ ହୋଇଥାଏ । ରାଜିଆ ବୁଢ଼ା ଦୁଇ ପୁଅଙ୍କୁ ପଢ଼ାଇବା ପାଇଁ ଚେଷ୍ଟା କଲା । ବଡ଼ ପୁଅଟି ପଞ୍ଚମ ଶ୍ରେଣୀରୁ ଆଉ ପଢ଼ିବନି, ବାପାଙ୍କୁ ସାହାଯ୍ୟ କରିବ ବୋଲି କହିଲା । ଅତଏବ ତା ବହି ବସ୍ତାନୀରେ ଡୋରି ବନ୍ଧା ହେଲା । ସାନଟି ପାଖ ଗାଁରେ ପଢ଼ି ଟିକିଏ ଦୂର ଗାଁରେ ମେଟ୍ରିକ୍ ପରୀକ୍ଷା ଦେବା ପୂର୍ବରୁ ଆଉ ପାଠ ପଢ଼ିବାକୁ ସ୍କୁଲକୁ ଗଲା ନାହିଁ କି ପାଠ ପଢ଼ିଲା ନାହିଁ । ସେଇଠି ତା ପାଠରେ ଡୋରି ବନ୍ଧାହେଲା । ବାପା ମା ଯେତେ କହିଲେ ମଧ୍ୟ ଆଉ ପଢ଼ିଲାନି । ଝିଅକୁ ପାତ୍ରଟିଏ ଦେଖି ବିବାହ ଦେଲେ । ସିଏ ଦୁଇ ଚାରି ବର୍ଷ ସେଠାରେ ରହି ବାପ ଘରକୁ ଆସିଲା । ଯେ ଆଉ ଶାଶୂ ଘରକୁ ଗଲାନି । ତା ସ୍ୱାମୀର କୁଆଡ଼େ କିଛି ବଦ୍‌ଗୁଣ ଥିଲା । କଣ ଅତି ପାଖ ଗାଁର ଆଉ ଜଣେ ବ୍ୟକ୍ତିଙ୍କୁ ଝିଅଟିକୁ ବର୍ଷ ଦି ବର୍ଷ ଘରେ ରହିଲା ପରେ ବାହା ଦେଲେ । ଇଆଡେ ପୁଅମାନେ ଯୌବନରେ ପଦାର୍ପଣ କରିବା ପରେ ଝିଅ ଖୋଜି ଯେଉଁଠି ପସନ୍ଦ ହେଲା ସେଠାରୁ ଦୁଇ ପୁଅଙ୍କ ପାଇଁ ବୋହୂ କରି ଆଣିଲେ । କେତେ ବର୍ଷ ବୋହୂମାନେ ଠିକ୍ ଭାବରେ ଦୁଇ ବୁଢ଼ା ବୁଢ଼ୀଙ୍କୁ ଖାଇବାକୁ ଦେଲେ । ଦୁଇ ପୁଅଙ୍କ ଘରେ ନାତି, ନାତୁଣୀ । ଦୁଇ ଭାଇ ଅଲଗା ଅଲଗା ରହିବାକୁ ତାଙ୍କ ସ୍ତ୍ରୀଙ୍କ ପ୍ରରୋଚନାରେ ବାପା ମାଙ୍କୁ କହିଲେ । ରାଜିଆ ବୁଢ଼ା ଆଉ କ'ଣ କରନ୍ତେ । ନିଜ ଭାଇ ବନ୍ଧୁ ଗାଁରେ କେତେ ଜଣଙ୍କୁ ଡାକି ଦୁଇ ଭାଇଙ୍କୁ ଘରଦ୍ୱାର ଜମି ବାଡ଼ି ସମାନ ଦି ଭାଗ କରିଦେଲେ । ପୁଅମାନେ ତ ଖାଇବାକୁ ଦେବେ । ଆମେ ଆଉ ସଂପତ୍ତି ବାଡି କାହିଁକି ରଖିବା ବୋଲି ରାଜିଆ ବୁଢ଼ା ତାଙ୍କ ସ୍ତ୍ରୀକୁ କହିଲେ । କିନ୍ତୁ ଏଇ ଭୁଲ ଟିକିଏ ପାଇଁ କେତେ ଯେ ଅନୁତାପ ଦୁଃଖ ଯନ୍ତ୍ରଣା ଦୁହିଁଙ୍କୁ ଭୋଗିବାକୁ ପଡ଼ିଥିଲା, ତାହା ଦେଖିଥିଲା ଲୋକ କହିବେ । କେତେ ବର୍ଷ ବଡ ପୁଅଘରେ ବାପା ଓ ସାନପୁଅ ଘରେ ମା ଖାଇଲେ । ଯେତେବେଳେ ସେମାନଙ୍କର ପରିବାର ଦ୍ୱୟ ବଢ଼ିଲା, ଦୁହିଁଙ୍କ ସ୍ତ୍ରୀ ତାଙ୍କ ଶାଶୂ ଶ୍ୱଶୁରଙ୍କୁ ଆଉ ଖାଇବାକୁ ଦେବୁ ନାହିଁ ବୋଲି ମନା କଲେ । ଇଏ କହିଲେ ଯେ ବୁଢ଼ୀ ସୁନା ରୂପା ଯାହା ସାଇତି ରଖିଥିଲା ସେ ସବୁ ସାନ

ବୋହୂକୁ ଦେଲା । ସାନବୋହୂ କହିଲା ତମେ ବଡ଼ ବୋଲି ଜ୍ୟେଷ୍ଠ ଭାଗ ନେଇଛ । ତମେ କାହିଁକି ଦୁହିଁଙ୍କୁ ଖାଇବାକୁ ଦେବ ନାହିଁ । ଏମିତି ଏମିତି କହି ଆଉ ବୁଢ଼ା ବୁଢ଼ୀଙ୍କୁ ଖାଇବାକୁ ଦେଲେ ନାହିଁ । ପୁଣି ବାର୍ଦ୍ଧକ୍ୟରେ ଦୁହେଁ ପଦାର୍ପଣ କରିଥିବାରୁ ପର ଘରେ ଆଉ କ'ଣ କାମକରି ଚଳିବେ, କ'ଣ ଦେହରେ ବଳ ଅଛି । ନିଜ ବନ୍ଧୁ ବାନ୍ଧବ ଘରକୁ କିଛି ଦିନ ଲେଖାଏ ଯାଇ ରହିଲେ । ସବୁ ଦିନ କ'ଣ ପରଘରେ ରହିହେବ । ପୁଣି ଦୁହିଁଙ୍କର ରହିବା ପାଇଁ ଘର ମଧ୍ୟ ନଥିଲା । ଛେଳି, ମେଣ୍ଢା, ବାଛୁରୀ ବାନ୍ଧିବାକୁ ଆଗ ଯେଉଁ ଚାଳିଘରଟି କରିଥିଲେ ସେଠାରେ ବାଧ୍ୟ ହୋଇ ରହିଲେ । ଧନ୍ୟରେ ମଣିଷ ? ନିଜେ କେତେ କଷ୍ଟ କରି ତିଆରି କରିଥିବା ଘରରେ ନିଜେ ମଧ୍ୟ ମୁଣ୍ଡ ଗୁଞ୍ଜି ପାରିବେ ନାହିଁ । ଅଦରକାରୀ ପଶୁ ରହୁଥିବା ଘରେ ରହିବାକୁ ପଡ଼ିଲା । କି ବର୍ଷା, କି ଶୀତ, କି ଖରା ସେଇ ଚାଳି ଘରେ ବୁଢ଼ା ବୁଢ଼ୀଙ୍କର ବାର୍ଦ୍ଧକ୍ୟ ଜୀବନ କଟେ । ଖାଇବାକୁ ହାଇଁପାଇଁ ହୁଅନ୍ତି । ସକାଳୁ ଚା ଟିକିଏ ମୁଢ଼ି ମୁଠାଏ ମିଳେ ନାହିଁ । ମାଗିଯାଚି କେତେ ଦିନ ବା ଚଳିବେ । ତଥାପି ସାଇ ପଡ଼ିଶା ଘର ଦେଖି ମାଗି ଖାଆନ୍ତି । ଧନ୍ୟରେ ପୁଅ ଜନ୍ମକରା ସୁଖ । ଝିଅକୁ ତ ପାଖ ଗାଁରେ ଦେଇଛନ୍ତି, ନାତିମାନେ ଆସି ଆଇ ଅଜାଙ୍କ ଅବସ୍ଥା ଦେଖନ୍ତି । ସାନ ନାତି ଦୁଃଖ ଦେଖି କାନ୍ଦେ । ଗାଁ ତ ପାଖ ଏଣୁ ତା ମା ତାକୁ ଯେତେ ମୁଢ଼ି ଖାଇବାକୁ ଦିଅନ୍ତି, ନିଜେ ନ ଖାଇ ଅଜା ଆଇଙ୍କୁ ଆସି ଦେଇ ଦିଏ । ତାଙ୍କର ଆର୍ଥିକ ଅବସ୍ଥା ସେତେବେଳେ ସେତେ ଭଲ ନଥିବାରୁ ନିଜ ଝିଅ ତାଙ୍କ ଅବସ୍ଥା ଦେଖି ସାହାଯ୍ୟ କରିବାକୁ କୁଣ୍ଠା ପ୍ରକାଶ କରେ । ଶେଷରେ ଜରାଗ୍ରସ୍ତ ସମୟରେ ଖାଦ୍ୟାଭାବ ଜରାଜୀର୍ଣ୍ଣ ଅବସ୍ଥାରେ ଦୁହେଁ ଆଗପଛ ହୋଇ ଇହଧାମରୁ ବିଦାୟ ନେଲେ । କିଛି ବର୍ଷ ବ୍ୟବଧାନରେ ଦୁଇ ପୁଅ ବାପ ମା'ଙ୍କ ଦୈନ ଦୁଃଖ ଯନ୍ତ୍ରଣାରୁ ନିଃସୃତ ଅଭିଶାପରୁ କିବା ତାଙ୍କ କର୍ମ ଫଳରୁ ଦୁହିଁଙ୍କର ସମ୍ପତ୍ତି ଶେଷ ହୋଇଗଲା । ଦୁହେଁ କାଙ୍ଗାଳ ଅବସ୍ଥା ପ୍ରାପ୍ତ କଲେ । ଲୋକେ କୁହାକୁହି ହେଲେ, ଏଇଟା ବାପ ମାଙ୍କୁ କରିଥିବା ଅବହେଳା ବା ଅପକର୍ମର ଫଳ ।

ଗମ୍ଭାରୀ, ବଲାଙ୍ଗୀର

୦୦୦୦

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

## INVITATION

**SUNDAY MEETING AT 10 AM**

**VENUE-R.S TUTARIAL, INFRONT OF CHRIST COLLEGE MAIN GATE, SURYALOK LANE CHANDI CHACK, CUTTACK**

**COLLECT ID CARD AND GET INFORMATION.**




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ